**ଫାର୍ମାସ୍ୟୁଟିକାଲ ଏମ୍ପ୍ଲୟିଜ୍ ୟୁନିୟନ ପକ୍ଷରୁ ବିକ୍ଷୋଭ**

**କଟକ ଅଫିସ:** ଔଷଧ ଦୋକାନଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ ପାଇଁ ଫାର୍ମାସ୍ୟୁଟିକାଲ ଏମ୍ପ୍ଲୟିଜ ୟୁନିୟନ ପକ୍ଷରୁ କଟକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଶ୍ରମ ଆୟୁକ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ଏଥିରେ ୟୁନିୟନ ସଭାପତି ଯୁଧିଷ୍ଠିର ମହାରଣା, ଉପଦେଷ୍ଟା ପ୍ରତାପ ମିଶ୍ର, ସୁଶାନ୍ତ ସାମଲ, ଚକ୍ରଧର ପରିଡା, କୃଷ୍ଣଚନ୍ଦ୍ର ରଥ, କାଳନ୍ଦୀ ମହାଳିକ ଓ ନୀହାର ରଞ୍ଜନ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଏକାମ୍ର ପ୍ରକଳ୍ପ କାର୍ଯ୍ୟକୁ ଏଏସ୍ଆଇର ବିରୋଧ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

- ଏଏମ୍ଏଏସ୍ଆର୍ ଆକ୍ଟ ଉଲ୍ଲଂଘନ ଅଭିଯୋଗ
- ପୁରାତତ୍ତ୍ୱ ବିଭାଗ ସହ ବିଏମ୍ସିକୁ ଚିଠି
- ବିନା ଅନୁମତିରେ ହେଉଛି ନିର୍ମାଣ କାର୍ଯ୍ୟ
- ଜେସିବିରେ ଭାଙ୍ଗିଯାଇଛି ଐତିହାସିକ ଶାରୀ ଦେଉଳ



ମୁଖ୍ୟମନ୍ତ୍ରୀଙ୍କ ୫ଟି କାର୍ଯ୍ୟକ୍ରମ ଅଧୀନରେ ହେଉଥିବା ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ବିରୋଧ କରିଛି। ନିର୍ମାଣ କାର୍ଯ୍ୟକୁ ବେଆଇନ୍ ଦର୍ଶାଇ ଏଏସ୍ଆଇ ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ ରାଜ୍ୟ ପୂର୍ତ୍ତ ବିଭାଗ ସହ ଭୁବନେଶ୍ୱର ଉନ୍ନୟନ ନିଗମ(ବିଏମ୍ସି), ପର୍ଯ୍ୟଟନ ବିଭାଗ, ଓବିସିସି ଏବଂ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ବିଏମ୍ସି ଏବଂ ଓବିସିସି ଏଏସ୍ଆଇ ବିନା ଅନୁମତିରେ କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜିର ନିଷିଦ୍ଧ ଅଞ୍ଚଳରେ ବେଆଇନ୍ ନିର୍ମାଣ କାର୍ଯ୍ୟ କରୁଥିବା ମଲ୍ଲିକ ଦର୍ଶାଇଛନ୍ତି। ସେହିଭଳି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଜେସିବି ମେଶିନ ଏଏସ୍ଆଇ ସଂରକ୍ଷିତ ଐତିହାସିକ ଶାରୀ ଦେଉଳକୁ କ୍ଷତି ପହଞ୍ଚାଇଥିବା ସେ ଅଭିଯୋଗ କରିଛନ୍ତି।

ଏଏସ୍ଆଇ ଅଧୀନରେ ଓଡ଼ିଶାରେ ମୋଟ ୭୯ଟି ଐତିହାସିକ କୀର୍ତ୍ତିରାଜି ରହିଛି। ଏଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୨୭ଟି ଅଛି। ଲିଙ୍ଗରାଜ ମନ୍ଦିର ସହ ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ସହ ଶ୍ରୀଲିଙ୍ଗ ପୁଷ୍କରିଣୀ ଭଳି ପ୍ରମୁଖ କୀର୍ତ୍ତିରାଜି ଏହି ଅଞ୍ଚଳରେ ରହିଛି। ହେଲେ ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପ ଅଧୀନରେ ଏଠାରେ ଏବେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଉଛି। ସୁଦୃଶ୍ୟ ପ୍ରବେଶ ପଥ ନିର୍ମାଣ ସହ ବିନ୍ଦୁ ସାଗର ପୁନରୁଦ୍ଧାର, ବିଭିନ୍ନ ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, ଅତ୍ୟାଧୁନିକ ପାର୍କିଂ, ଇ-ଅଟୋ କାର୍ଯ୍ୟକ୍ରମ, ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର, କେଦାରଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ କାର୍ଯ୍ୟ ଆଦି ଏଥିରେ ସାମିଲ ରହିଛି। ରାଜ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଓବିସିସି ସହ ବିଏମ୍ସି ଏହି ନିର୍ମାଣ କାର୍ଯ୍ୟ କରୁଛି। ତେବେ ଏଏସ୍ଆଇର ଅଭିଯୋଗ ମୁତାବକ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକ ଏଏସ୍ଆଇ ସଂରକ୍ଷିତ ପୁରାତନ ଐତିହାସିକ ସ୍ଥଳୀର ନିଷିଦ୍ଧ ଅଞ୍ଚଳରେ କରାଯାଉଛି। ଆନ୍ସିଏଣ୍ଟ ମୋନୁମେଣ୍ଟସ ଆଣ୍ଡ୍ ଆର୍କିଓଲୋଜିକାଲ ସାଇଟ୍ସ ଆଣ୍ଡ୍ ରିମେନ୍ସ ଆକ୍ଟ(ଏଏମ୍ଏଏସ୍ଆର୍), ୧୯୫୮ ଏବଂ ଏହାର ସଂଶୋଧିତ ଆଇନ ଅନୁଯାୟୀ ଏଏସ୍ଆଇ ସଂରକ୍ଷିତ ଐତିହ୍ୟସ୍ଥଳୀ ଚାରିପଟେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ବେଆଇନ୍ ବୋଲି ଦର୍ଶାଯାଇଛି। ଐତିହ୍ୟସ୍ଥଳୀର ୧୦୦ ମିଟର ପରିସରକୁ ନିଷିଦ୍ଧ ଅଞ୍ଚଳଭାବେ ଘୋଷଣା କରାଯାଇଥିବା ବେଳେ ଏହାମଧ୍ୟରେ ସରକାରୀ ଏବଂ ବେସରକାରୀ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯିବନାହିଁ। ଆବଶ୍ୟକ ସ୍ଥଳେ ନ୍ୟାଶନାଲ ମୋନୁମେଣ୍ଟ ଅଥରିଟିର ଏନ୍ଓସି ପରେ ହିଁ କେବଳ ମରାମତି ଓ ନବୀକରଣ କାର୍ଯ୍ୟକୁ ଅନୁମତି ଦେବାର ବ୍ୟବସ୍ଥା ରହିଛି। ସେହିଭଳି ଏଏସ୍ଆଇ ସଂରକ୍ଷିତ କୀର୍ତ୍ତିରାଜିର ୨୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ରେଗୁଲେଟେଡ୍ ଏରିଆଭାବେ ଗ୍ରହଣ କରାଯାଉଥିବା ବେଳେ ଏହି ଅଞ୍ଚଳରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ପାଇଁ ନ୍ୟାଶନାଲ ମୋନୁମେଣ୍ଟ ଅଥରିଟିର ଏନ୍ଓସିର ଆବଶ୍ୟକ ହୋଇଥାଏ। ମାତ୍ର ଏକାମ୍ର କ୍ଷେତ୍ର ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ ଖୋଲାଖୋଲି ଭାବେ ଏଏମ୍ଏଏସ୍ଆର୍ ଆକ୍ଟର ଉଲ୍ଲଂଘନ ହେଉଥିବା ଏଏସ୍ଆଇ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାସହ ଏଏଏସ୍ଆଇ ଡିଜିଙ୍କ ଠାରୁ ଅନୁମତି ଆଣିବା ପରେ କାର୍ଯ୍ୟ ଆରମ୍ଭ କରିବାକୁ ମଲ୍ଲିକ କହିଛନ୍ତି। ପୂର୍ବରୁ ୨୦୧୯ ସେପ୍ଟେମ୍ବରରେ ମଧ୍ୟ ଏନେଇ ଏଏସ୍ଆଇ କର୍ତ୍ତୃପକ୍ଷ ବିଏମ୍ସି, ବିଡିଏ, ପର୍ଯ୍ୟଟନ ବିଭାଗକୁ ଅବଗତ କରାଇଥିଲେ। ଏଏସ୍ଆଇ ସଂରକ୍ଷିତ ବିଭିନ୍ନ ଐତିହ୍ୟସ୍ଥଳୀର ନିଷିଦ୍ଧାଞ୍ଚଳରେ ବିଡିଏ, ବିଏମ୍ସି ଓବିସିସି ଏବଂ ପୂର୍ତ୍ତ ବିଭାଗ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ କରୁଥିବା ଏଏସ୍ଆଇ ଅଭିଯୋଗ କରିଥିଲା। ଏନେଇ ସମସ୍ତଙ୍କୁ ଚିଠି ମଧ୍ୟ କରାଯାଇଥିଲା। ହେଲେ ଏହାପରେ ମଧ୍ୟ ପୁଣିଥରେ ଏଏମ୍ଏଏସ୍ଆର୍ ଆକ୍ଟର ଉଲ୍ଲଂଘନକରାଯାଇଥିବା ନଜରକୁଆସିଛି।

## ସଂକ୍ଷେପରେ

### ନଦୀଘାଟରୁ ବାଲିଉଠାଣ ବନ୍ଦ ଦାବି

କଣ୍ଟାପଡା,୧୭।୧୨(ଡି.ଏନ୍.ଏ.)- କଣ୍ଟାପଡ଼ା ତହସିଲ ଅନ୍ତର୍ଗତ କନ୍ଦଳ ନଦୀର ବଡ଼ବିଲ ଘାଟରୁ ବାଲିଉଠାଣ ବନ୍ଦ ପାଇଁ ସ୍ଥାନୀୟ ତହସିଲଦାର ଓ କଟକ ଜିଲାପାଳଙ୍କ ନିକଟରେ ଗୁରୁବାର ଅଭିଯୋଗ ହୋଇଛି। ଦେବୀକନ୍ଦଳ ଦ୍ୱୀପାଞ୍ଚଳର ଚାଷଜମିରେ ଜଳସେଚନ ପାଇଁ କାକଟପୁର ବ୍ରାଞ୍ଚ କେନାଲରୁ କନ୍ଦଳନଦୀରେ ପାଇପ୍ଲାଇନ ବିଛାଯାଇ ବଡବିଲ ମାଇନର କେନାଲକୁ ସଂଯୋଗ କରାଯାଇଛି। ତେବେ ପାଇପ୍ଲାଇନ ବିଛା ଯାଇଥିବା ଅଞ୍ଚଳରୁ ବାଲି ଉଠାଗଲେ ବିପଦ ରହିଛି ବୋଲି ସ୍ଥାନୀୟ ଚାଷୀମାନେ କଣ୍ଟାପଡା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆସନ୍ତା ୨୪ ତାରିଖ ମଧ୍ୟରେ ଏହି ଘାଟକୁ ବନ୍ଦ କରା ନ ଗଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାପାଇଁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ କୁହନ୍ତି, ଯେଉଁ ସମୟରେ ଏହି ଘାଟ ନିଲାମ କରାଗଲା, ସେତେବେଳେ କୌଣସି ଅଭିଯୋଗ କରାଗଲା ନାହିଁ। ତେଣୁ ଆମେ ଏବେ କିଛି କରିବା ସମ୍ଭବ ନୁହେଁ। ସୂଚନାଯୋଗ୍ୟ, ୨୦୧୫ରେ ଏହି ଘାଟରେ ବାଲି ଉଠାଣ ଯୋଗୁ ଉକ୍ତ ସାଇଫନ ପ୍ରତି ବିପଦ ସୃଷ୍ଟି ହେବାରୁ ତାହାକୁ ବନ୍ଦ କରି ଦିଆଯାଇଥିଲା। ମାତ୍ର ୨୦୨୦ରେ ପୁନର୍ବାର ଉକ୍ତ ଘାଟକୁ ନିଲାମ କରାଯାଇଥିବାରୁ ପାଇପ୍ଲାଇନ ପ୍ରତି ବିପଦ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଚାଷୀମାନେ କହିଛନ୍ତି।

### ଆକ୍ରମଣରେ ଦାଦା, ଖୁଡ଼ୀ ଗୁରୁତର

**ଖୁଣ୍ଟୁଣୀ,୧୭।୧୨(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା କପୁରସିଂହ ଗ୍ରାମରେ ପୁତୁରା ଆକ୍ରମଣରେ ଦାଦା, ଖୁଡ଼ୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ରାତିରେ କପୁରସିଂହ ଗ୍ରାମର ତପନ ଘଡେଇ ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରୁଥିଲେ। ଦାଦା ପ୍ରକାଶ ଏହାର ପ୍ରତିବାଦ କରିବାରୁ ସେ ତାଙ୍କ ମୁଣ୍ଡକୁ ଏକ ଧାରୁଆ ଅସ୍ତ୍ରରେ ହାଣି ଦେଇଥିଲେ। ସେହି ସମୟରେ ଖୁଡ଼ୀ ଛଡାଇବାକୁ ଉଦ୍ୟମ କରିବାରୁ ସେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ଆକ୍ରମଣକାରୀ ତପନ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା (ନଂ.୧୪୭/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ଧାନ କିଣା ପାଇଁ ସଚେତନତା

**ଆଠଗଡ଼,୧୭।୧୨(ସ୍ୱ.ପ୍ର.):** ଆଠଗଡ଼ରେ ଡିସେମ୍ବର ୨୩ରେ ମଣ୍ଡି ଖୋଲିବ। ଏନେଇ ବିଜେଡି ପକ୍ଷରୁ ୨ ଚକିଆ ଯାନରେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଛି। ଆଠଗଡ଼ ବିଜେଡି କାର୍ଯ୍ୟାଳୟ ସୂର୍ଯ୍ୟ ଭବନଠାରେ ଗୁରୁବାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ, ଏନ୍ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ ଓ ବ୍ଲକ କୃଷକ ବିଜେଡି ସଭାପତି ସୁବାସ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱଜିତ୍ ଏସ୍ସିବି ୟୁଜି ଛାତ୍ର ସଂସଦ ସଭାପତି

**କଟକ ଅଫିସ,୧୭।୧୨:** ଏସ୍ସିବି ୟୁଜି (ଅଣ୍ଡର ଗ୍ରାଜୁଏଟ) ଛାତ୍ର ସଂସଦର ୨୦୨୦-୨୧ ବର୍ଷ ପାଇଁ ସଭାପତି ଭାବେ ୭ମ ସେମିଷ୍ଟରର ଛାତ୍ର ବିଶ୍ୱଜିତ ମଲ୍ଲିକଙ୍କୁ ଚୟନ କରାଯାଇଛି। ସେହିପରି ୭ମ ସେମିଷ୍ଟରର ଅନ୍ୟତମ ଛାତ୍ର ଅନ୍ତର୍ଯ୍ୟାମୀ ରଣା ହୋଇଛନ୍ତି ଛାତ୍ର ସଂସଦର ସାଧାରଣ ସମ୍ପାଦକ। ବାକି ଅନ୍ୟ ୨୦ଟି ପଦବୀ ନିମନ୍ତେ ଆସନ୍ତା ୨ଦିନ ମଧ୍ୟରେ ନୂତନ ସଭାପତି ନାମ ଅନୁମୋଦନ କରି ପଠାଯିବ। ଏସ୍ସିବିରେ ପ୍ରତିବର୍ଷ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ। ଚଳିତବର୍ଷ କୋଭିଡ କଟକଣା ଯୋଗୁ ନିର୍ବାଚନ ହୋଇନାହିଁ।

## କଳା ପଲ୍ସରରେ ଆସି ଝାମ୍ପିନେଲେ ୯୦ ହଜାର

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍ପିଏଫ୍ କ୍ୟାମ୍ପସ ସମ୍ମୁଖରେ ଆସୁଥିବା ସମୟରେ ଜଣେ ଯୁବତୀ ଗୁରୁବାର ଲୁଟ୍ର ଶିକାର ହୋଇଛନ୍ତି। ହ୍ୱଇ ଦୁର୍ବୃତ୍ତ ଏକ କଳା ପଲସର୍ରେ ଆସି ତାଙ୍କ ହାତରୁ ୯୦ ହଜାର ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ପ୍ରତିଭା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ

**କଟକସଦର,୧୭।୧୨(ଡି.ଏନ୍.ଏ.):** ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ଗୁରୁବାର କିଶୋର ନଗରଠାରେ ପାଳିତ ହୋଇଯାଇଛି। ଉତ୍କଳ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଯାମିନୀ ମୋହନ ସାହୁ, ସଞ୍ଜୟ ମଲ୍ଲିକ, ସୁମନ ଦାସ, ଅଶୋକ ସାମଲ ଓ ତୁଷାରକାନ୍ତ ବେହେରା ପ୍ରମୁଖ ସ୍ୱର୍ଗତ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# 'ଭୂଦାନ ଆନ୍ଦୋଳନରେ ଗୁଣନିଧିଙ୍କ ଭୂମିକା ଅତୁଳନୀୟ'




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୧୭।୧୨**

**ଖବରଦାତା ଦେବପ୍ରସାଦ ଚାଟାର୍ଜୀ ପାଇଲେ ଗୁଣନିଧି ମହାନ୍ତି ସେବା ସମ୍ମାନ**

ଗୁଣନିଧି ମହାନ୍ତି ସରକାରୀ ଚାକିରିରୁ ଅବ୍ୟାହତି ନେଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ଏଥିସହ ସ୍ୱରାଜ୍ୟ ପ୍ରାପ୍ତି ପରେ ସେ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ଗୁଣନିଧିଙ୍କ ଭୂମିକା ଅତୁଳନୀୟ। ଥୋରିଆ ସାହିଠାରେ ଥିବା ନିଜର ମୂଲ୍ୟବାନ୍ ସମ୍ପତ୍ତିକୁ ମଧ୍ୟ ସେ ଦାନ କରିଥିଲେ, ଯାହା ଆଜି ଗୁଣନିଧି ଭବନ ନାମରେ ନାମିତ ହୋଇଛି ବୋଲି ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ଶ୍ରାଦ୍ଧସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ମହେଶ୍ୱର ମହାନ୍ତି କହିଛନ୍ତି। ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ଥୋରିଆ ସାହିସ୍ଥିତ ଗୁଣନିଧି ଭବନରେ ଆଇନଜୀବୀ ବୈଷ୍ଣବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାହିତ୍ୟିକା ମନୋରମା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଖବରଦାତା ଦେବପ୍ରସାଦ ଚାଟାର୍ଜୀଙ୍କୁ ଗୁଣନିଧି ମହାନ୍ତି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଗୋପବନ୍ଧୁ ଚୌଧୁରୀଙ୍କ ଲିଖିତ ପୁସ୍ତକ 'ଚାଷୀ ମୂଲିଆ ଗାନ୍ଧୀ' ଉନ୍ମୋଚିତ ହୋଇଥିଲା। ଏଥିରେ ଅକ୍ଷୟ ଦାସ, ଧ୍ରୁବ ଚରଣ ଲେଙ୍କା, ରମାକାନ୍ତ ମଣ୍ଡଳ, ସୌଦାମିନୀ ନାୟକ, ଅନିମା ରାୟ, ଅଜୟ ମହାନ୍ତି, ଇନ୍ଦୁମତୀ ସାହୁ, ବିରଞ୍ଚି ନାରାୟଣ ଗାହାଣ ପ୍ରମୁଖ ଯୋଗଦେଇଥିଲେ। ସଂଗ୍ରାମୀ ଫୋରମ୍ର ସମ୍ପାଦକ ପ୍ରଶାନ୍ତ ଦାସ ସ୍ୱାଗତ ଭାଷଣ ଓ ଅନ୍ନପୂର୍ଣ୍ଣା ସାହୁ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

**ଆଠଗଡ଼,୧୭।୧୨(ସ୍ୱ.ପ୍ର.)**

ଆଠଗଡ଼ ବୀରକିଶୋରପୁରସ୍ଥିତ କଟକ- ସମ୍ବଲପୁର ରାସ୍ତାର ରାଧାପତିପୁରରେ ଏକ ସଡ଼କ ଦୁର୍ଘଟଣାରେ ଘଟି ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତିଗିରିଆ ଥାନା ଅନ୍ତର୍ଗତ ଚଷାଆଁରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ (୪୫) ଏବଂ ଗଦାଧର ପୁର ପଞ୍ଚାୟତ କୋଇଲି କନ୍ୟା ଗ୍ରାମର ପ୍ରତାପ ପିରୋଇ। ଏହି ୨ ଜଣ ରାଧାପତି ପୁରସ୍ଥିତ ପାରିଜାତ ହୋଟେଲ ସମ୍ମୁଖରେ ଏକ ବାଇକ୍ରେ ଗୋଟିଏ ଟ୍ରକକୁ ଓଭରଟେକ କରୁଥିବା ବେଳେ ୨ ପଥର ବୋଝେଇ ଟ୍ରକ ମଝିରେ ଫସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଆଠଗଡ଼ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଘଟଣାସ୍ଥଳରେ ଆଠଗଡ଼ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ୍ କରିଛି। ଅପରପକ୍ଷେ ଟ୍ରକ ଚାଳକ ଦ୍ୱୟ ଫେରାର ହୋଇଯାଇଛନ୍ତି।

## ସବ୍ରେଜିଷ୍ଟ୍ରାର୍ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ସାଲେପୁର(ଡି.ଏନ୍.ଏ.)/ କଟକ ଅଫିସ,୧୭।୧୨**

ବାରଙ୍ଗ ବ୍ଲକ ସବ୍-ରେଜିଷ୍ଟ୍ରାର୍ ରଞ୍ଜନ କୁମାର ଦାସଙ୍କ ସାଲେପୁର ଥାନା ଅଧୀନ କାଳାଗ୍ରିସ୍ଥିତ ୨ ବାସଭବନ ଉପରେ କଟକ ଭିଜିଲାନ୍ସ ଟିମ୍ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଏହି ଅବସରରେ ଭିଜିଲାନ୍ସର ଅନ୍ୟ ଏକ ଟିମ୍ ସାଲେପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ କାର୍ଯ୍ୟାଳୟରେ ପହଞ୍ଚି ଦାସ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ବ୍ୟାଙ୍କ ଲକ୍ର ଯାଞ୍ଚ କରି ସେଥିରେ ଥିବା ସୁନା ଅଳଙ୍କାର ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛନ୍ତି। ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ହେମନ୍ତ କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଲୋକଙ୍କ ଠାରୁ କାମ କରିବା ପାଇଁ ବାରଙ୍ଗ ସବ୍-ରେଜିଷ୍ଟ୍ରାର୍ ଦାସ ଲାଞ୍ଚ ନେଉଛନ୍ତି ବୋଲି କୌଣସି ସୂତ୍ରରୁ ଭିଜିଲାନ୍ସ ବିଭାଗକୁ ସୂଚନା ମିଳିଥିଲା। ଏନେଇ ବୁଧବାର ସନ୍ଧ୍ୟାରେ ଦାସ ତ୍ରିଶୂଳିଆ ଫେରୁଥିବା ବେଳେ ତାଙ୍କ କାର୍କୁ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଅଟକାଇ ଚେକିଂ କରିଥିଲେ। ଏହି ସମୟରେ କାରୁ ଭିତରୁ ୯୭,୩୭୦ଟଙ୍କା ମିଳିଥିଲା। ମାତ୍ର ଏହି ଟଙ୍କାର ହିସାବ ଦାସ ଦେଇପାରି ନ ଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରି ମାମଲା (ନଂ.୨୩/୨୦)ରୁଜୁ କରିଛି।



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବସରରେ ଗୁରୁବାର ଭୁବନେଶ୍ୱର ପାୱାର ହାଉସ୍ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶବର୍ମା ଓ ଅନ୍ୟମାନେ।

# ଟିଏସ୍ଏଲ୍ ସ୍ପ୍ରିଙ୍ଗ ସିଟି ପ୍ରୋଜେକ୍ଟରେ ଠକେଇ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଚନ୍ଦକା ଥାନା ଅନ୍ତର୍ଗତ କଣ୍ଟାବାଡ଼ ଅଞ୍ଚଳରେ ୭୫୦କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ତ୍ରିଷ୍ଟା ସ୍କାଏ ସ୍କାପର୍ସ ଲିମିଟେଡ(ଟିଏସ୍ଏଲ୍) ସ୍ପ୍ରିଙ୍ଗ ସିଟି ରିୟଲଷ୍ଟେଟ ପ୍ରୋଜେକ୍ଟରେ ଠକେଇ ହୋଇଥିବା ନେଇ ନୟାପଲ୍ଲୀ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଫ୍ଲାଟ ପାଇଁ ୨୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅଗ୍ରୀମ ଦେଇଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଏହି ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି। ୨୦୧୧ରେ ଭୁବନେଶ୍ୱରସ୍ଥିତ ତ୍ରିଷ୍ଟା ଡେଭଲପର୍ସ ଓ କୋଲ୍କତାସ୍ଥିତ କମ୍ପାନୀ ସ୍କାଏ ସ୍କାପର୍ସ ଲିମିଟେଡ ମିଳିତ ଭାବେ ଗ୍ରାହକଙ୍କୁ ଫ୍ଲାଟ ଯୋଗାଇ ଦେବାକୁ ଉକ୍ତ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଏପରି କି ୨୦୧୩ସୁଦ୍ଧା ଗ୍ରାହକଙ୍କୁ ଫ୍ଲାଟ ହସ୍ତାନ୍ତର କରିବାକୁ ଚୁକ୍ତି କରିଥିଲେ। ହେଲେ ଇତିମଧ୍ୟରେ ୯ବିତି ଯାଇଥିଲେ ସୁଦ୍ଧା ଗ୍ରାହକଙ୍କୁ ଫ୍ଲାଟ ମିଳି ନାହିଁ। ପ୍ରକାଶ ଯେ, ୨୦୧୬ରେ ମଧ୍ୟ କେତେକ ଗ୍ରାହକଙ୍କ ଅଭିଯୋଗକୁ ଆଧାର କରି କମିଶନରେଟ ପୋଲିସ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ଧିରଙ୍କୁ ଗିରଫ କରିଥିଲା। ଏହା ସତ୍ତ୍ୱେ ଉକ୍ତ ପ୍ରକଳ୍ପରେ ଫ୍ଲାଟ ପାଇଁ ଟଙ୍କା ଜମା କରିଥିବା ଗ୍ରାହକମାନେ କୌଣସି ଘର ନ ପାଇବାରୁ ପୁଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

**ଥାନାର ଦ୍ୱାରସ୍ଥ ହେଲେ ଗ୍ରାହକ**

## କଟକ ବିଜେଡି ସାଙ୍ଗଠନିକ ଦାୟିତ୍ୱରେ ଆଠଗଡ଼ର କାର୍ଯ୍ୟକର୍ତ୍ତା

**ଆଠଗଡ଼,୧୭।୧୨(ସ୍ୱ.ପ୍ର.)**

କଟକ ଜିଲା ବିଜେଡି ସାଙ୍ଗଠନିକ ଦାୟିତ୍ୱରେ ଆଠଗଡ଼ର କାର୍ଯ୍ୟକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ଆଠଗଡ଼ର ବରିଷ୍ଠ ନେତା ନୃସିଂହ ଚରଣ ମହାପାତ୍ରଙ୍କୁ ଉପସଭାପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ ଓ ଆଠଗଡ଼ ଏନ୍ଏସିରୁ ପ୍ରଦୀପ୍ତ କୁମାର ଦାସଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି ଆଠଗଡ଼ ବ୍ଲକର ପୂର୍ବତନ ସରପଞ୍ଚ ଅଶୋକ କୁମାର ରାଉତ, ତିଗିରିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭାଗିରଥି ନନ୍ଦ ଏବଂ ଟାଙ୍ଗୀ ଚୌଦ୍ୱାର ବ୍ଲକର ସେକ୍ ଶାହାଜାହାନଙ୍କୁ ସମ୍ପାଦକ ଦାୟିତ୍ୱ ଦିଆଯାଇଛି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

**କଟକ ଅଫିସ,୧୭।୧୨:** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ କଟକ ବଡଡାକ୍ତରଖାନା ପରିସରସ୍ଥ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଗଜେନ୍ଦ୍ର ପାଣି ଅଧ୍ୟକ୍ଷତା କରିଥିବାବେଳେ ଅରୁଣା ସାମନ୍ତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ସଭାରେ ଗୋପାଳ ଚନ୍ଦ୍ର ମିଶ୍ର, ଇନ୍ଦୁମତୀ ସାହୁ, ଭୁବନାନନ୍ଦ ମହାନ୍ତି, ଛବି ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

# ବିଜୁ ପଟ୍ଟନାୟକ ପାର୍କ ଲୋକାର୍ପିତ

**ଚୌଦ୍ୱାର,୧୭।୧୨(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ୧୦ ନଂ. ୱାର୍ଡରେ ବିଜୁ ପଟ୍ଟନାୟକ ପାର୍କକୁ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଲୋକାର୍ପଣ କରିଛନ୍ତି। ଟେନାମେଣ୍ଟସ୍ଥିତ ଯଯାତୀ କେଶରୀ କ୍ଲବ୍ରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍ସି କମିଶନର ଅନନ୍ୟା ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିରୂପା କୂଳରେ ନିର୍ମାଣାଧୀନ ବୋଟିଂ ପାର୍କ ପାଇଁ ଆଉ ୧କୋଟି ଏବଂ ଚୌଦ୍ୱାରରେ ୧ କୋଟି ଟଙ୍କାରେ ଏକ ସ୍ମାର୍ଟ ପାର୍କ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିବା ମନ୍ତ୍ରୀ ଘୋଷଣା କରିଥିଲେ। ଜିଲା ବିଜେଡି ସମ୍ପାଦକ ଶୁଭେନ୍ଦୁ ସାମଲ ଓ ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା ଉପସ୍ଥିତ ଥିଲେ।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ଧାରଣା

**କଟକ ସଦର, ୧୭।୧୨(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ୪୨ ମୌଜା ଡେଲ୍ଟା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପ୍ରତିବାଦରେ ଆମ୍ ଆଦ୍ମୀ ପାର୍ଟି ପକ୍ଷରୁ ବୁଧବାର ସନ୍ଧ୍ୟାରୁ ବେଣ୍ଟକାରଠାରେ ସତ୍ୟାଗ୍ରହ ଓ ଧାରଣା ଜାରି ରହିଛି। କଟକ ଜିଲା ଆବାହକ ଡାକ୍ତର ଅଜୟ କୁମାର ପତି ଓ ପ୍ରାଣକୃଷ୍ଣ ଭୋଇ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି। ଗୁରୁବାର ଦ୍ୱିତୀୟ ଦିନରେ ଦଳର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଉଦ୍ବୋଧନ ଦେଇଥିଲେ। ଏଥିରେ ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, ଉମାଶଙ୍କର କୁଅଁର, ରୀତା ରଥ ଓ ପବିତ୍ର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆବାହକ ପତି କହିଛନ୍ତି।

# ସ୍ୱାସ୍ଥ୍ୟସେବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ

**ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍ଘାଟିତ**

**ଚୌଦ୍ୱାର,୧୭।୧୨(ଡି.ଏନ୍.ଏ.):** ଚୌଦ୍ୱାର ପୌର କାର୍ଯ୍ୟାଳୟ ନିକଟରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁରୁବାର ଉଦ୍ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏଥିରେ ଯୋଗଦେଇ ଚୌଦ୍ୱାର ସହରାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ସମସ୍ତ ସହାୟତା ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଥିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ପୌରାଞ୍ଚଳର ୬୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟସେବାର ସୁବିଧା ପାଇବେ। ଏହି କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଜିଲା ବିଜେଡି ଉପ ସଭାପତି ପ୍ରେମଚାନ୍ଦ ନାୟକ, କରୁଣାକର ସାହୁ, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଅର୍ଜୁନ ପଣ୍ଡା, ସୁବ୍ରତ ସାମଲ, ମନୋଜ ମହାନ୍ତି, ଦିଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଷ୍ଣୁ ଚରଣ ପରିଡା ଧନ୍ୟବାଦ ଦେଇଥିଲେ।

# ଶାଳଗାଁରେ ହାତୀ ଉପଦ୍ରବ

**ଫସଲ ନଷ୍ଟ, ଲୋକେ ଭୟଭୀତ**

**ଚୌଦ୍ୱାର,୧୭।୧୨(ଡି.ଏନ୍.ଏ)**



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଅଧୀନ ଶାଳଗାଁ ଗ୍ରାମରେ ଗୁରୁବାର ଭୋରରୁ ହାତୀ ଉପଦ୍ରବ ଦେଖିବାକୁ ମିଳିଥିଲା। ୧୬ଟିକିଆ ହାତୀପଲ ଧାନବିଲରେ ପଶି ଫସଲ ନଷ୍ଟ କରୁଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଏ ସମ୍ପର୍କରେ ଖବରପାଇ ଚୌଦ୍ୱାର ଫରେଷ୍ଟ କାର୍ଯ୍ୟାଳୟର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀଙ୍କୁ ଘଉଡାଇଥିଲେ। ଫଳରେ ହାତୀପଲ ନିକଟସ୍ଥ ହନୁମାନହୁଡା ଜଙ୍ଗଲକୁ ପଳାଇ ଯାଇଥିଲେ। ହାତୀଙ୍କ ଗତିବିଧି ଉପରେ ବନ କର୍ମଚାରୀମାନେ ଦିନତମାମ ନଜର ରଖିଥିଲେ। ଖବର ଲେଖାହେବା ବେଳକୁ ହାତୀପଲ ହନୁମାନହୁଡା ଜଙ୍ଗଲ ଛାଡି ନ ଥିବା ଜଣାପଡିଛି। ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ସେମାନଙ୍କୁ ଜଙ୍ଗଲାଭିମୁଖୀ କରାଯିବା ପାଇଁ ଉଦ୍ୟମ ଜାରି ରହିଥିବା ଚୌଦ୍ୱାର ଫରେଷ୍ଟର ପୁରୁଷୋତ୍ତମ ସାହୁ କହିଛନ୍ତି। ସୂଚନାଯୋଗ୍ୟ, କଟକ ବନଖଣ୍ଡ ଅନ୍ତର୍ଗତ ଡାଳିଯୋଡା ସଂରକ୍ଷିତ ବନାଞ୍ଚଳ ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ଚନ୍ଦକା ଜଙ୍ଗଲରୁ ଆସିଥିବା ଏହି ହାତୀପଲ କିଛିଦିନ ହେବ ଉପଦ୍ରବ ଚଳାଇଛନ୍ତି। ଗତ ୪ ତାରିଖରେ ଆଗ୍ରାହାଟ ପଞ୍ଚାୟତର କୁଜିବର ଭରାଣ୍ଡୀ ମୌଜାରେ ଜଣେ ବୃଦ୍ଧଚାଷୀଙ୍କୁ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହାତୀ ଉକ୍ତ ଅଞ୍ଚଳ ଛାଡି ଯାଉ ନ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଡିସେମ୍ବର, ୨୦୨୦



## ସଂକ୍ଷେପରେ

### ବିରଳ ପକ୍ଷୀ ଉଦ୍ଧାର

**ବାଲିପାଟଣା,୧୭।୧୨(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅଧୀନ ଅଭୟମୁଖୀ ବ୍ରିଜ ନିକଟରୁ ଗୁରୁବାର ସ୍ଥାନୀୟ ଗ୍ରାମବାସୀ ୩ଟି ବିରଳ ପକ୍ଷୀ ଉଦ୍ଧାର କରିଛନ୍ତି। ଏମାନଙ୍କ ମଧ୍ୟରେ ଗୋଟିଏ ମା’ ପକ୍ଷୀ ଥିବା ବେଳେ ୨ଟି ଶାବକ ଥିବା ଜଣାପଡ଼ିଛି। ଏହି ପକ୍ଷୀଙ୍କୁ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ଘରେ ରଖାଯାଇଛି। କେତେଜଣ ଗ୍ରାମବାସୀ ଏହାକୁ ଗରୁଡ଼ ପକ୍ଷୀ ବୋଲି କହୁଥିବା ଜଣାପଡ଼ିଛି। ଖବରପାଇ ବାଲିପାଟଣା ବନ କର୍ମଚାରୀମାନେ ପହଞ୍ଚି ପକ୍ଷୀଙ୍କୁ ଉଦ୍ଧାର କରି ଆଣିଥିବା ଜଣାପଡ଼ିଛି।

### ମାଲୁଦରେ ସତ୍ୟବ୍ରତ ଦାସ

**କୃଷ୍ଣପ୍ରସାଦ,୧୭।୧୨(ଡି.ଏନ୍.ଏ.):** ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରି ଜନ ସଚେତନତା ସୃଷ୍ଟି କରୁଥିବା ଓଡ଼ିଶା ଜନ ସଚେତନତା ମଞ୍ଚର ଆବାହକ ସତ୍ୟବ୍ରତ ଦାସ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦଠାରେ ପହଞ୍ଚିଛନ୍ତି। ଏହା ପରେ ଉକ୍ତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ତାଙ୍କୁ ସ୍ୱାଗତ କରିବା ସହ ଉତ୍ସାହିତ କରିଥିଲେ। ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ଜୁଲାଇ ୧୦ରୁ ସତ୍ୟବ୍ରତ ଆରମ୍ଭ କରିଥିବା ଏହି ପଦଯାତ୍ରା ୫୨୮ ଦିନରେ ପହଞ୍ଚିଛି।

### ମରଣଯନ୍ତା ପାଲଟିଛି ବ୍ରାହ୍ମଣଦେଓ-ରାମଲଙ୍କା ରାସ୍ତା

**କୃଷ୍ଣପ୍ରସାଦ,୧୭।୧୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବ୍ରାହ୍ମଣଦେଓ-ରାମଲଙ୍କା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଥିବା ବଡ଼ ବଡ଼ ଖାଲ ଥିବାରୁ ଯାତ୍ରୀମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ବର୍ଷା ହେଲେ ଖାଲଗୁଡ଼ିକ ଜଳରେ ପୂର୍ଣ୍ଣ ହୋଇ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରେ। ସେହିପରି ଗଞ୍ଜାମ ଓ ଗଜପତି ଜିଲାର ପର୍ଯ୍ୟଟକମାନେ ପୁରୀ ଓ ଚିଲିକାକୁ ବୁଲି ଆସିଥାନ୍ତି। ଜହ୍ନିକୁଦାଠାରୁ ସାତପଡ଼ାକୁ ଚିଲିକାରେ ଯାତାୟାତ କରିବା ପାଇଁ ନର୍ଦ୍ଦିଷ୍ଟ ସମୟରେ ପହଞ୍ଚିବାକୁ ପଡ଼ିଥାଏ। ପରେ ପୁରୀ ଯିବାକୁ ଯାତ୍ରୀମାନେ ଉକ୍ତ ରାସ୍ତାରେ ଯାଉଥିବା ବେଳେ ହଇରାଣ ହେଉଛନ୍ତି। ତୁରନ୍ତ ଉକ୍ତ ରାସ୍ତାର ମରାମତି ପାଇଁ ସାଧାରଣରେ ଦାବି ହେଉଛି।

### କ୍ରିକେଟ: ଫାଇନାଲରେ ବଙ୍ଗିଦା

**ବେଗୁନିଆ,୧୭।୧୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଛତ୍ରପଡ଼ା ହାଇସ୍କୁଲ ପଡ଼ିଆରେ ଚାଲିଥିବା ମାର୍ଥାକପ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯାଁଳା ଟିମ୍‌କୁ ୨୦ରନରେ ହରାଇ ବଙ୍ଗିଦା ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବଙ୍ଗିଦା ଟିମ୍ ପ୍ରଥମେ ଟସ ଜିତି ୨୦ଓଭରରେ ୧୮୨ରନ ସଂଗ୍ରହ କରିଥିଲା। ଜବାବରେ ଯାଁଳା ଟିମ୍ ୨୦ ଓଭରରେ ୩ ଉଇକେଟ ହରାଇ ୧୬୨ରନ ସଂଗ୍ରହ କରିଥିଲା। ବଙ୍ଗିଦା ଟିମ୍‌ର କାହ୍ନା ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମନୋଜ ରଣସିଂହ ଏବଂ ମାନସ ବେହେରା ମ୍ୟାଚ ପରିଚାଳନା କରିଥିଲେ।

# ଏକାମ୍ର ପ୍ରକଳ୍ପ କାର୍ଯ୍ୟକୁ ଏଏସ୍‌ଆଇର ବିରୋଧ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

- ଏଏମ୍‌ଏଏସ୍‌ଆର୍ ଆକ୍ଟ ଉଲ୍ଲଂଘନ ଅଭିଯୋଗ
- ପୂର୍ତ୍ତ ବିଭାଗ ସହ ବିଏମ୍‌ସିକୁ ଚିଠି
- ବିନା ଅନୁମତିରେ ହେଉଛି ନିର୍ମାଣ କାର୍ଯ୍ୟ
- ଜେସିବିରେ ଭାଙ୍ଗିଯାଇଛି ଐତିହାସିକ ଶାରୀ ଦେଉଳ

ମୁଖ୍ୟମନ୍ତ୍ରୀଙ୍କ ୫ଟି କାର୍ଯ୍ୟକ୍ରମ ଅଧୀନରେ ହେଉଥିବା ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ବିରୋଧ କରିଛି। ନିର୍ମାଣ କାର୍ଯ୍ୟକୁ ବେଆଇନ୍ ଦର୍ଶାଇ ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ ରାଜ୍ୟ ପୂର୍ତ୍ତ ବିଭାଗ ସହ ଭୁବନେଶ୍ୱର ଉନ୍ନୟନ ନିଗମ(ବିଏମ୍‌ସି), ପର୍ଯ୍ୟଟନ ବିଭାଗ, ଓବିସିସି ଏବଂ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ବିଏମ୍‌ସି ଏବଂ ଓବିସିସି ଏଏସ୍‌ଆଇ ବିନା ଅନୁମତିରେ କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜିର ନିଷିଦ୍ଧ ଅଞ୍ଚଳରେ ବେଆଇନ୍ ନିର୍ମାଣ କାର୍ଯ୍ୟ କରୁଥିବା ମଲ୍ଲିକ ଦର୍ଶାଇଛନ୍ତି। ସେହିଭଳି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଜେସିବି ମେଶିନ ଏଏସ୍‌ଆଇ ସଂରକ୍ଷିତ ଐତିହାସିକ ଶାରୀ ଦେଉଳକୁ କ୍ଷତି ପହଞ୍ଚାଇଥିବା ସେ ଅଭିଯୋଗ କରିଛନ୍ତି।

ଏଏସ୍‌ଆଇ ଅଧୀନରେ ଓଡ଼ିଶାରେ ମୋଟ ୭୯ଟି ଐତିହାସିକ କୀର୍ତ୍ତିରାଜି ରହିଛି। ଏଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୨୭ଟି ଅଛି। ଲିଙ୍ଗରାଜ ମନ୍ଦିର ସହ ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ସହ ଶ୍ରୀଲିଙ୍ଗ ପୁଷ୍କରିଣୀ ଭଳି ପ୍ରମୁଖ କୀର୍ତ୍ତିରାଜି ଏହି ଅଞ୍ଚଳରେ ରହିଛି। ହେଲେ ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପ ଅଧୀନରେ ଏଠାରେ ଏବେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଉଛି। ସୁଦୃଶ୍ୟ ପ୍ରବେଶ ପଥ ନିର୍ମାଣ ସହ ବିନ୍ଦୁ ସାଗର ପୁନରୁଦ୍ଧାର, ବିଭିନ୍ନ ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, ଅତ୍ୟାଧୁନିକ ପାର୍କିଂ, ଇ-ଅଟୋ କାର୍ଯ୍ୟକ୍ରମ, ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର, କେଦାରଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ କାର୍ଯ୍ୟ



ଆଦି ଏଥିରେ ସାମିଲ ରହିଛି। ରାଜ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଓବିସିସି ସହ ବିଏମ୍‌ସି ଏହି ନିର୍ମାଣ କାର୍ଯ୍ୟ କରୁଛି। ତେବେ ଏଏସ୍‌ଆଇର ଅଭିଯୋଗ ମୁତାବକ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକ ଏଏସ୍‌ଆଇ ସଂରକ୍ଷିତ ପୁରାତନ ଐତିହାସିକ ସ୍ଥଳୀର ନିଷିଦ୍ଧ ଅଞ୍ଚଳରେ କରାଯାଉଛି। ଆନ୍‌ସିଏଣ୍ଟ ମୋନୁମେଣ୍ଟସ ଆଣ୍ଡ୍ ଆର୍କିଓଲୋଜିକାଲ ସାଇଟ୍‌ସ ଆଣ୍ଡ୍ ରିମେନ୍‌ସ ଆକ୍ଟ(ଏଏମ୍‌ଏଏସ୍‌ଆର୍), ୧୯୫୮ ଏବଂ ଏହାର ସଂଶୋଧିତ ଆଇନ ଅନୁଯାୟୀ ଏଏସ୍‌ଆଇ ସଂରକ୍ଷିତ ଐତିହ୍ୟସ୍ଥଳୀ ଚାରିପଟେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ବେଆଇନ୍ ବୋଲି ଦର୍ଶାଯାଇଛି। ଐତିହ୍ୟସ୍ଥଳୀର ୧୦୦ ମିଟର ପରିସରକୁ ନିଷିଦ୍ଧ ଅଞ୍ଚଳଭାବେ ଘୋଷଣା କରାଯାଇଥିବା ବେଳେ ଏହାମଧ୍ୟରେ ସରକାରୀ ଏବଂ ବେସରକାରୀ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯିବନାହିଁ। ଆବଶ୍ୟକ ସ୍ଥଳେ ନ୍ୟାଶନାଲ ମୋନୁମେଣ୍ଟ ଅଥରିଟିର ଏନ୍‌ଓସି ପରେ ହିଁ କେବଳ ମରାମତି ଓ ନବୀକରଣ କାର୍ଯ୍ୟକୁ ଅନୁମତି ଦେବାର ବ୍ୟବସ୍ଥା ରହିଛି। ସେହିଭଳି ଏଏସ୍‌ଆଇ ସଂରକ୍ଷିତ କୀର୍ତ୍ତିରାଜିର ୨୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ରେଗୁଲେଟେଡ୍ ଏରିଆଭାବେ ଗ୍ରହଣ କରାଯାଉଥିବା ବେଳେ ଏହି ଅଞ୍ଚଳରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ପାଇଁ ନ୍ୟାଶନାଲ ମୋନୁମେଣ୍ଟ ଅଥରିଟିର ଏନ୍‌ଓସିର ଆବଶ୍ୟକ ହୋଇଥାଏ। ମାତ୍ର ଏକାମ୍ର କ୍ଷେତ୍ର ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ ଖୋଲାଖୋଲି ଭାବେ ଏଏମ୍‌ଏଏସ୍‌ଆର୍ ଆକ୍ଟର ଉଲ୍ଲଂଘନ ହେଉଥିବା ଏଏସ୍‌ଆଇ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାସହ ଏଏଏସ୍‌ଆଇ ଡିଜିଙ୍କ ଠାରୁ ଅନୁମତି ଆଣିବା ପରେ କାର୍ଯ୍ୟ ଆରମ୍ଭ କରିବାକୁ ମଲ୍ଲିକ କହିଛନ୍ତି। ପୂର୍ବରୁ ୨୦୧୯ ସେପ୍ଟେମ୍ବରରେ ମଧ୍ୟ ଏନେଇ ଏଏସ୍‌ଆଇ କର୍ତ୍ତୃପକ୍ଷ ବିଏମ୍‌ସି, ବିଡିଏ, ପର୍ଯ୍ୟଟନ ବିଭାଗକୁ ଅବଗତ କରାଇଥିଲେ। ଏଏସ୍‌ଆଇ ସଂରକ୍ଷିତ ବିଭିନ୍ନ ଐତିହ୍ୟସ୍ଥଳୀର ନିଷିଦ୍ଧାଞ୍ଚଳରେ ବିଡିଏ, ବିଏମ୍‌ସି ଓଟିଡିସି ଏବଂ ପୂର୍ତ୍ତ ବିଭାଗ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ କରୁଥିବା ଏଏସ୍‌ଆଇ ଅଭିଯୋଗ କରିଥିଲା। ଏନେଇ ସମସ୍ତଙ୍କୁ ଚିଠି ମଧ୍ୟ କରାଯାଇଥିଲା। ହେଲେ ଏହାପରେ ମଧ୍ୟ ପୁଣିଥରେ ଏଏମ୍‌ଏଏସ୍‌ଆର୍ ଆକ୍ଟର ଉଲ୍ଲଂଘନକରାଯାଇଥିବା ନଜରକୁଆସିଛି।

## ଆଜିଠାରୁ ଖୋଲିବ ଜନଜାତି ସଂଗ୍ରହାଳୟ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ୧୮ ତାରିଖ ଶୁକ୍ରବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଏହି ସଂଗ୍ରହାଳୟକୁ ଗତ ୯ ମାସ ଧରି ବନ୍ଦ ରଖାଯାଇଥିଲା। ତେବେ ସଂକ୍ରମଣ କମିଯିବା ସହ ସ୍ଥିତି ସ୍ୱାଭାବିକ ହେଉଥିବାରୁ ସଂଗ୍ରହାଳୟକୁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଥିବା ବେଳେ ସଂଗ୍ରହାଳୟକୁ ପ୍ରବେଶ ପୂର୍ବରୁ ମୁଖ୍ୟ ଦ୍ୱାରରେ ପ୍ରତ୍ୟେକ ଦର୍ଶକଙ୍କ ଶରୀରର ତାପମାତ୍ରା ଯାଞ୍ଚ କରାଯିବ। ସଂଗ୍ରହାଳୟ ମଧ୍ୟରେ ବୁଲି ଦେଖିବା ସମୟରେ କୌଣସି ଶୋକେସ୍, ଟଚ୍‌ସ୍କ୍ରିନ୍ କିଓସ୍କ, ଭିଆର୍ ହେଡ୍‌ସେଟ୍ କିମ୍ବା କୌଣସି କଳାବସ୍ତୁକୁ ଛୁଇଁବା ନିଷେଧ କରାଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ମିଳିବ ନାହିଁ। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ସଂଗ୍ରହାଳୟ ଖୋଲା ରହିବ ବୋଲି ଜଣାପଡ଼ିଛି।




ଖୋର୍ଦ୍ଧା ଜିଲାପାଳଙ୍କୁ ଗୁରୁବାର ଦାବିପତ୍ର ଦେବାକୁ ଆସିଥିବା ଭାରତୀୟ କଷାନ ସଂଘର କର୍ମକର୍ତ୍ତାମାନେ।

## ‘ଶୀଘ୍ର ମଣ୍ଡି ଖୋଲି ସିସିଟିଭି ଖଞ୍ଜାଯାଉ’

**ଖୋର୍ଦ୍ଧା ଅଫିସ, ୧୭।୧୨**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ଖୋର୍ଦ୍ଧା ଜିଲାରେ ଧାନମଣ୍ଡି ଖୋଲିବା ବିଳମ୍ବ ଘଟୁଛି। ଚାଷୀ ଧାରକରଜ କରି ଧାନ ଅମଳ ପରେ ଘରେ ସାଇତି ରଖିଛି। ଧାନ ବିକ୍ରି ହୋଇ ନ ଥିବାରୁ ମଜୁରିଆଙ୍କୁ ମୂଳ ଟଙ୍କା ଦେବାରେ ହଇରାଣ ହେବାକୁ ପଡୁଛି। ଅନ୍ୟପଟେ ମଣ୍ଡି ଖୋଲି ନ ଥିବାରୁ ଆନ୍ଧ୍ର ବେପାରୀ ଆସି କମ୍ ଦାମ୍‌ରେ ଧାନ କିଣି ନେଉଛନ୍ତି। ତେଣୁ ତୁରନ୍ତ ମଣ୍ଡି ଖୋଲି ସିସିଟିଭି ଖଞ୍ଜିବା ସହ ଧାନର ମାନ ନିର୍ଦ୍ଧାରଣ ଲାଗି ଭାରତୀୟ କିଷାନ ସଂଘ ଦାବି କରିଛି। ଏ ନେଇ ଗୁରୁବାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

ଏଥିରେ ଦର୍ଶାଯାଇଛି ଯେ, କରୋନା ସମୟରେ ବିଭିନ୍ନ ପ୍ରତିକୂଳ ପରିବେଶ ସତ୍ତ୍ୱେ କଷ୍ଟ ସହି ଚାଷୀ ଫସଲ ଅମଳ କରିଛି। ଧାନ ସୁବିଧାରେ ବିକ୍ରି ସହ ଏହାର ମୂଲ୍ୟ ମିଳିବା ନେଇ ବ୍ୟବସ୍ଥା କରାଯାଉ। ସମସ୍ତ ମଣ୍ଡିରେ ସ୍ୱଚ୍ଛତା ଲାଗି ସିସିଟିଭି ଖଞ୍ଜାଯାଉ। ମଣ୍ଡି, ପାକ୍ସ, ଆର୍‌ଏମ୍‌ସିଏସ୍‌ରେ ମିଲର ଓ ଦଲାଲଙ୍କ ଉପସ୍ଥିତିକୁ ବନ୍ଦ କରାଯାଉ। ମଣ୍ଡିକୁ ଧାନ ଆଣିବା ଲାଗି ବ୍ୟବସ୍ଥା କରାଯାଉ। ଧାନ ଦେବାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଉ। ପ୍ରତି ସପ୍ତାହରେ ବିଭାଗୀୟ ଅଧିକାରୀମାନେ ମଣ୍ଡି, ପାକ୍ସ ଓ ଆରଏମ୍‌ସିଏସ୍ ବୁଲି ସରକାରଙ୍କୁ ରିପୋର୍ଟ ଦେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ବୈକୁଣ୍ଠନାଥ ମହାପାତ୍ର, ସମ୍ପାଦକ ଗଗନ ପ୍ରତିହାରୀ, ପବିତ୍ର ମୋହନ ରାଜଗୁରୁ, ସୋମନାଥ ଶତପଥୀ, ଲକ୍ଷୀଧର ସାହୁ, ସତ୍ୟନାରାୟଣ ପାଣିଗ୍ରାହୀ, ପ୍ରକାଶ ବେହେରା, ରବିନ୍ଦ୍ରନାଥ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ‘ପୁରସ୍କାର ହିଁ ଉଚ୍ଚଶିକ୍ଷା ପାଇଁ ବାଟ କଢ଼ାଇଥାଏ’

**ବେଗୁନିଆ,୧୭।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ମେଧାବୀ ଶିକ୍ଷାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ପ୍ରାଥମିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ଅତିଥିଭାବେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ଉପଦେଷ୍ଟା ବସନ୍ତ ପ୍ରହରାଜ, ମିଳିତ ଶିକ୍ଷକ ସଂଘ ସଭାପତି ରାମଚନ୍ଦ୍ର ଷଣ୍ଢ ପ୍ରମୁଖ ଯୋଗଦେଇଥିଲେ। ପ୍ରାଥମିକ ଶିକ୍ଷା ଆରମ୍ଭରୁ ଶିଶୁ ସାନ୍ତ୍ୱନାମୂଳକ ପୁରସ୍କାର ଗ୍ରହଣ କରିଥାଏ, ସେ ଉତ୍ସାହିତ ହେବା ସହ ଉଚ୍ଚ ଶିକ୍ଷା ପାଇଁ ବାଟ ଖୋଜିଥାଏ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ବ୍ଲକର ୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶଗଡ଼ଭଙ୍ଗା ଉଚ୍ଚ ବିଦ୍ୟାଳୟର ଛାତ୍ର ଦୀପକ ସେଠୀଙ୍କୁ ୨୫୦୧ ଟଙ୍କା, ଚିରାମାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ପ୍ରେମାନନ୍ଦ ରାଉତ, ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ମହାଳିକ, ଚଣ୍ଡିଆପାଲା ଉ.ପ୍ରା. ବିଦ୍ୟାଳୟର ପୂର୍ଣ୍ଣିମା ସାହୁ, କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟର ମନୋରଞ୍ଜନ ପୃଷ୍ଟି, ଗୋବିନ୍ଦପୁର ଉ.ପ୍ରା. ବିଦ୍ୟାଳୟର ଇତିଶ୍ରୀ ମୁଦୁଲିଙ୍କୁ ୫୧୧ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଉତ୍ସବରେ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ ସ୍ୱାଗତ ଭାଷଣ, ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଗନ୍ନାଥପୁର କାଜୁ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ

**ନିରାକାରପୁର,୧୭।୧୨(ଡି.ଏନ୍.ଏ.)**



- କେବଳ କାଗଜପତ୍ରରେ ଚାଲିଛି ପ୍ରକଳ୍ପ କାର୍ଯ୍ୟ
- ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ଖୋର୍ଦ୍ଧା ଜିଲା ଜଳବିଭାଜିକା ପକ୍ଷରୁ ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଅଟଳା ମୌଜାରେ ରହିଥିବା ୨୫ଏକର ପରିମିତ ଜମିରେ ୨୦୦୦ ହଜାର କାଜୁ ଚାରାରୋପଣ କରାଯିବାକୁ ପ୍ରକଳ୍ପ ଅନୁମୋଦନ କରାଯାଇଥିଲା। ତେବେ ୩ ବର୍ଷ ମଧ୍ୟରେ ମୋଟ୍ ୪ ଏକର କାଜୁ ଚାରାରୋପଣ କରାଯାଇଛି। ହେଲେ ୨୫ ଏକର ଜମିର ବିଲ୍ କରାଯାଇଛି ଜଗନ୍ନାଥପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅଧିକାର ଆଇନ୍ ତଥ୍ୟ ଅନୁସାରେ, ଅଟଳା ମୌଜାରେ ରହିଥିବା ୨୫ଏକର ଜମିରେ ଚାରାରୋପଣ ହୋଇଛି। କାଜୁ ଚାରାରୋପଣ ସ୍ଥାନରେ ବାଉଁଶ ବାଡ ପାଇଁ ୨୦୧୮ରେ ୧,୪୯୦୦୦ଟଙ୍କା, ୨୦୧୯ରେ ୨ଲକ୍ଷ ୪ହଜାର ୫୧୨ଟଙ୍କା, ୨୦୨୦ରେ ୭,୪୨୦ଟଙ୍କା ଓ ନଡିଆ ଚାରାରେ ବାଡ ନିମନ୍ତେ ୩୪,୫୦୪ଟଙ୍କା ଓ କାଜୁ ବଗିଚାରେ ପାଣିଦେବା ପାଇଁ ୯୦ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଉକ୍ତ ଚାରାରେ ଏଫ୍.ୱାଇ.ଏମ୍.ସାର ପ୍ରୟୋଗ ନିମନ୍ତେ ୯୦,୦୦୦, କମ୍ପୋଷ୍ଟ ବାବଦରେ ୧,୩୬୪୨୮ଟଙ୍କା, ଉର୍ମି କମ୍ପୋଷ୍ଟ ବାବଦ ୨, ୫୯୪୦୩ଟଙ୍କା, ପାଣି-ଔଷଧ ସିଞ୍ଚନ ନିମନ୍ତେ ୫୪,୮୮୦ଟଙ୍କା ଓ ଗ୍ରାମର ଜବ୍ କାର୍ଡଧାରୀଙ୍କ ନାମରେ ୩,୩୦୪୫୬ ଟଙ୍କା ଓ ପଡୋଶୀ ଗ୍ରାମର ଜବ୍ କାର୍ଡଧାରୀମାନଙ୍କ ନାଁରେ ୨,୫୦୦୦୦ ଟଙ୍କା ଆଦି ମୋଟ ୧୭ଲକ୍ଷ ୯୯ହଜାର ୨୮୨ଟଙ୍କା ଖର୍ଚ୍ଚ ହୋଇଥିବା ତଥ୍ୟ ମିଳିଥିଲା । ତେବେ ଉକ୍ତ ୨୫ଏକର ଜମିରୁ ୪ ଏକର ଚାରୋପୋଣ କରାଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ୧୮,୦୦୦୦୦ ଟଙ୍କା ମଞ୍ଜୁର ହୋଇଥଲା। ତେବେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ୧୫ଦିନ ମଧ୍ୟରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଜିଲା ଜଳବିଭାଜିକା ପ୍ରକଳ୍ପ ଅଧିକାରୀ ନାରାୟଣ ପାତ୍ର କହିଛନ୍ତି।

## ଅନ୍ଧାରରେ ବାଡ଼ି ବୁଲାଉଛି ପୋଲିସ

**ଖୋର୍ଦ୍ଧା ଅଫିସ,୧୭।୧୨**

- ୧୫ଲକ୍ଷ ଲୁଟ ଘଟଣାକୁ ୨୪ ଘଣ୍ଟା ବିତିଲା
- ଅଭିଯୁକ୍ତଙ୍କୁ ଧରିବା ପାଇଁ ଗଠନ ହୋଇଛି ୩ ଟିମ୍

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍‌ରୁ ବନ୍ଧୁକ ମୁନରେ ଜଣେ ଯୁବକଙ୍କଠାରୁ ୧୫ଲକ୍ଷ ଟଙ୍କା ଲୁଟ୍ ଘଟଣାକୁ ୨୪ଘଣ୍ଟା ପୂରିଲାଣି। ହେଲେ ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ। କେବଳ ଅନ୍ଧାରରେ ବାଡ଼ି ବୁଲାଉଛି। ପୋଲିସ ଚତୁରତାର ସହିତ ଏହି ଘଟଣାକୁ ଗଣମାଧ୍ୟମଠାରୁ ଦୁରେଇ ରଖିଥିଲା। ଏବେ ଘଟଣା ଜଣାପଡ଼ିବା ପରେ ପୋଲିସ ତତ୍ପରତା ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ପକ୍ଷରୁ ୩ ଟିମ ଗଠନ କରାଯାଇଛି। ଏହି ଟିମ ପୁରୀ, ଛତ୍ରପୁର ସମେତ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ବାଲୁଗାଁ ବାଇପାସ ନିକଟରେ ଏକ ପୋଲିସ ବିଟ୍ ହାଉସ୍ ରହିଛି। ଏହି ବିଟ୍ ହାଉସ୍ ଠାରୁ ମାତ୍ର ଦୁଇଶହ ମିଟରରେ ଏହି ଘଟଣା ଘଟିଥିଲେ ମଧ୍ୟ ପୋଲିସ କିପରି ଜାଣିପାରିଲା ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲୁଗାଁ ଓ ବାଣପୁର ପୋଲିସ ମଧ୍ୟରେ ସମନ୍ୱୟ ଅଭାବରୁ ରାତ୍ରୀକାଳୀନ ପାଟ୍ରୋଲ ହେଉ ନ ଥିବାରୁ ଜାତୀୟ ରାଜପଥ ଅସୁରକ୍ଷିତ ହୋଇପଡ଼ିଛି। ଏହି ରାସ୍ତାରେ ବାରମ୍ବାର ଏଭଳି ଲୁଟ୍ ଓ ରାହାଜାନି ଘଟୁଥିଲେ ମଧ୍ୟ ପୋଲିସ ନିଷ୍କ୍ରିୟ ପାଲଟିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଲୁଟ୍ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଛତ୍ରପୁର ଅଞ୍ଚଳର ଏସ୍. ରେଡ୍ଡୀ ପୁରୀରେ ରହି ବ୍ୟବସାୟ କରନ୍ତି। ଗାଁ ଘର ଛାତ ପକାଇବା ଲାଗି ଧାରକରଜ କରି ଏକ ବ୍ୟାଗରେ ୧୫ ଲକ୍ଷ ଟଙ୍କା ଧରି କାର ଯୋଗେ ଛତ୍ରପୁର ଯାଉଥିଲେ। ତାଙ୍କ ପଛରେ ଆସୁଥିବା ଏକ କାର୍ ତାଙ୍କୁ ବାଲୁଗାଁ ବାଇପାସ୍‌ର ଏକ ନିଛାଟିଆ ସ୍ଥାନରେ ଅଟକାଇଥିଲେ। କାରରୁ କେତେଜଣ ଦୁର୍ବୃତ୍ତ ଓହ୍ଲାଇ ବନ୍ଧୁକ ବାହାର କରି ରେଡ୍ଡୀଙ୍କୁ ଭୟଭୀତ କରାଇ ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ।

# ବାହାରିଲାନି ନିଷ୍କର୍ଷ, ସମୟ ନେଲା ପ୍ରଶାସନ

**ଖୋର୍ଦ୍ଧା ଅଫିସ,୧୭।୧୨**

**ନରଣଗଡ଼ ଜମି ସ୍ୱତ୍ୱାଧିକାର ପରିବର୍ତ୍ତନ ଓ ବଉଳମାଳି ଖଣି ଲିଜ୍ ପ୍ରସଙ୍ଗ**

- ସମାଧାନ ନ ହେଲେ ଆନ୍ଦୋଳନ
- ବିନା ଶୁଣାଣିରେ ଓଏମ୍‌ସିକୁ ଖଣି ଲିଜ୍‌ର ତଦନ୍ତ ଦାବି

ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ, ପୁରୀ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ଆଡ୍‌ମିନିଷ୍ଟ୍ରେଟର, ପୁରୀ ନାମରେ ଶତାଧିକ ଏକର ଜମି ଅଛି। ବଂଶାନୁକ୍ରମରେ ଏହି ଜମି ଗ୍ରାମବାସୀଙ୍କ ଭୋଗ ଦଖଲରେ ରହିଛି। ଜମି ସ୍ୱତ୍ତ୍ୱାଧିକାର ପରିବର୍ତ୍ତନ ଲାଗି ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି ଜଣାଇବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ। ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି କୁଣ୍ଡକୁଣ୍ଡି (ବଉଳମାଳି) ପାହାଡ଼ ଘେରାଉ ଲାଗି ଚେତାବାନୀ ଦେବା ପରେ ପ୍ରଶାସନର ଚେତା ପଶିଛି।

ଗୁରୁବାର ନରଣଗଡ଼ ପଞ୍ଚାୟତର ମା’ ଭଗବତୀ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ, ଖଣି ନିଗମ, ଶ୍ରୀମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷ, ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଏ ନେଇ ଆଲୋଚନା ହୋଇଥିଲା। ତେବେ କେତେକ ପ୍ରସଙ୍ଗ ଉପରେ ଗ୍ରାମବାସୀ ଆପତ୍ତି ଉଠାଇଥିଲେ। ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଉପରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ପାଇଁ ପ୍ରଶାସନ ଏକ ମାସ ସମୟ ନେଇଛି। ଅନ୍ୟପକ୍ଷରେ ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ସହ ଓଏମ୍‌ସିକୁ ପଥର ଖନନ ସୁଯୋଗ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।



ଆଲୋଚନା ସଭାରେ ବିଭିନ୍ନ ବିଭାଗର ଅଧିକାରୀ ଓ ଅନ୍ୟମାନେ।

ଅଭିଯୋଗ ଅନୁଯାୟୀ, ନରଣଗଡ଼ରେ ବଂଶାନୁକ୍ରମେ ଗ୍ରାମବାସୀ ବଉଳମାଳି ପାହାଡ଼ର ପଥରକୁ ବ୍ୟବହାର କରି ବିଭିନ୍ନ ସାମଗ୍ରୀ ଓ ମୂର୍ତ୍ତି ଗଢି ଗୁଜରାଣ ମେଣ୍ଟାଉଥିଲେ। ତେବେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଏହି ପାହାଡ଼କୁ ଗ୍ରାମବାସୀଙ୍କ ଅଗୋଚର ଓ ବିନା ଜନଶୁଣାଣିରେ ଏହାକୁ ଓଡ଼ିଶା ଖଣି ନିଗମ ହାତକୁ ଟେକିଦେଲେ। ଫଳରେ ଗ୍ରାମବାସୀ ରୋଜଗାର ହରାଇଲେ। ଏହି ମୂଲ୍ୟବାନ ପଥର ହରିଲୁଟ ଚାଲିଥିବାବେଳେ ଗ୍ରାମବାସୀଙ୍କୁ ଏଠାକୁ ବାରଣ କରାଯାଉଛି। ତେଣୁ ଏହାର ନିରପେକ୍ଷ ତଦନ୍ତ ସହ ଏହି ଲିଜ୍‌କୁ ବାତିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନରଣଗଡ଼ ପଞ୍ଚାୟତର ଚାଷଜମି, ଘର ସ୍ଥିତିବାନ ଥିବା ସତ୍ତ୍ୱେ ଏହାର ଜମିଦାର ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ଆଡମିନିଷ୍ଟ୍ରେଟର, ପୁରୀ ନାମରେ ରହିଛି। ୧୮୦୩ରେ ଇଂରେଜମାନେ ପାଇକମାନଙ୍କୁ ଶ୍ରୀଜଗନ୍ନାଥ ଚେତନାରେ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏହି ଅଞ୍ଚଳରେ ତାପଙ୍ଗ ଓ ରାମେଶ୍ୱର ନାମକ ୨ଟି ପ୍ରଗଣା ସୃଷ୍ଟି କରିଥିଲେ। ଏହି ଦୁଇ ପ୍ରଗଣାରୁ ରାଜସ୍ୱ ଆଦାୟ ହେଉଥିଲା। ଏହି ରାଜସ୍ୱରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କରାଯାଉଥିଲା। ଏହି ସମସ୍ତ ଖଜଣା ସ୍ଥିତିବାନ ସତ୍ତ୍ୱେ ପ୍ରଜାମାନେ ଭୋଗଦଖଲ କରି ଆସୁଛନ୍ତି। ସରକାରଙ୍କ ମଧ୍ୟସତ୍ତ୍ୱ ଅଧିକାରୀ ଉଚ୍ଛେଦ ଆଇନ-୧୯୭୪ ଆଇନ ବଳରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀ ଅଦ୍ୟାବଧି ରାଜସ୍ୱ ଦେଇଆସୁଛନ୍ତି। ତେବେ ୧୯୯୮ରେ ହୋଇଥିବା ବନ୍ଦୋବସ୍ତରେ ବିଭିନ୍ନ ଅଞ୍ଚଳର ଜମିଜମା ଓଡ଼ିଶା ସରକାର ଲେଖାଯାଇ ୨୦୦୨ରେ ପଟ୍ଟା ଦିଆଯାଇଥିଲା। ସେତେବେଳେ ଏହି ଅଞ୍ଚଳରେ ବନ୍ଦୋବସ୍ତ କ୍ୟାମ୍ପ ନ ଥିବାରୁ ଭୋଗଦଖଲରେ ଥିବା ଉକ୍ତ ଜମିଜମାର ନାମ ପରିବର୍ତ୍ତନ ହୋଇପାରି ନ ଥିଲା। ଏହି ଦୁଇ ପ୍ରଗଣାରେ ଶ୍ରୀଜଗନ୍ନାଥଙ୍କର ବହୁ ଏକର ଜମି ରହିଛି। ୨୦୧୪ରେ ରାଜ୍ୟ ସରକାର ଏହି ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ଠିକ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିଲା। ରାଜସ୍ୱ କମିଶନର ସମସ୍ତ ଜମି ଉପରେ ଅଙ୍କୁଶ ଲଗାଇଥିଲେ। ଜମିଜମାର ସତ୍ତ୍ୱାଧିକାରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିଚାଳନା କମିଟି, ପୁରୀଙ୍କ ନାମରେ ହୋଇଥିବାରୁ ଗ୍ରାମବାସୀ କୌଣସି ଅତ୍ୟାବଶ୍ୟକ ସମୟରେ ଚାହିଁଲେ ବି ଜମି ବିକ୍ରି କରିପାରୁନାହାନ୍ତି। ଜମିପଟ୍ଟାରେ ଓଡ଼ିଶା ସରକାର ଲେଖା ନ ଥିବାରୁ ଆବାସ ଓ ଋଣ ଆଦି ସରକାରୀ ସୁବିଧା ପାଇପାରୁନାହାନ୍ତି । ଏଣୁ ଜମିପଟ୍ଟାରେ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ପୁରୀ ଖେୱାଟ ନଂ-୧ ପରିବର୍ତ୍ତେ ଓଡ଼ିଶା ସରକାରଙ୍କ ନାମ ଉଲ୍ଲେଖ କରିବାକୁ ଦାବି ଉପସ୍ଥାପନ କରିଥିଲେ।

ଏହି ଆଲୋଚନାରେ ଉପଜିଲାପାଳ ଅଶୋକ ବେହୁରିଆ, ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପପ୍ରଶାସକ (ରାଜସ୍ୱ) ସୁବ୍ରତ ବେହେରା, ଓଡ଼ିଶା ଖଣି ନିଗମର ଆଞ୍ଚଳିକ ଅଧିକାରୀ ଗଙ୍ଗାଧର ନାୟକ, ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଜଙ୍କିଆ ଥାନା ଅଧିକାରୀ ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତିର ସଭାପତି ଗୋଦାବରୀଶ ଗୁମାନସିଂ ଓ କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୮, ୨୦୨୦

## ଗୋଶାଳାକୁ ଯିବେ ବଡ଼ଦାଣ୍ଡର ଗୋରୁ

ପୁରୀ ଅଫିସ: ପୁରୀ ଇଡକୋ ରୋଡ୍‌ଠାରୁ ଗୋବିନ୍ଦ ଗୋଧାମ ଗୋଶାଳା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ ହୋଇଛି। ଏହି ରାସ୍ତାରେ ଗୋଶାଳାକୁ ଯାତାୟାତ ସୁବିଧାଜନକ ହେବ। ପୁରୀରେ ଗୋରୁଙ୍କ ସଂଖ୍ୟା ବଢ଼ୁଥିବାରୁ ସେମାନଙ୍କୁ ବ୍ରହ୍ମଗିରି ଆଲିପଡ଼ାସ୍ଥିତ ଗୋଶାଳାକୁ ନିଆଯିବାର ବ୍ୟବସ୍ଥା ହେଉଛି। ପୁରୀ ସହରର ୨ଶହରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ପ୍ରଶାସନ ଉକ୍ତ ଗୋଶାଳାରେ ଛାଡ଼ିବ ବୋଲି ଜଣାପଡ଼ିଛି। ୨୦୧୯ ରଥଯାତ୍ରା ପୂର୍ବରୁ ୧୩୭ଟି ଗୋରୁଙ୍କୁ ସେଠାରେ ଛଡ଼ାଯାଇଥିଲା। ବଡଦାଣ୍ଡ ଗୋରୁମୁକ୍ତ ହେଲେ ଯାତ୍ରୀ ଓ ପୁରୀ ବାସିନ୍ଦାଙ୍କ ପାଇଁ ଯାତାୟାତ ସୁବିଧା ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଗୋଶାଳା ଟ୍ରଷ୍ଟର ସମ୍ପାଦକ ବିଷ୍ଣୁ ଚରଣ ପଣ୍ଡା ଏଥିଲାଗି ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।



**ସଂକ୍ଷେପରେ**

## ତ୍ୱରିତ କୃଷିଋଣ ପ୍ରଦାନ ଉପରେ ଗୁରୁତ୍ୱ

ପୁରୀ ଅଫିସ,୧୭।୧୨: ପୁରୀ ଜିଲାସ୍ତରୀୟ ବ୍ୟାଙ୍କ ସମନ୍ୱୟ ବୈଠକ ଗୁରୁବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, କୃଷି ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ଆର୍ଥିକ ସହାୟତା ସଂକ୍ରାନ୍ତୀୟ ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ କୃଷିଋଣକୁ ଅଗ୍ରାଧିକାର ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି। କୃଷକଙ୍କୁ ଋଣ ଦେଣ ପ୍ରକ୍ରିୟା ସରଳ ହୋଇପାରିଲେ, ଚାଷୀ ଲାଭବାନ ହେବେ ବୋଲି ଜିଲାପାଳ କହିଛନ୍ତି। ସେହିଭଳି ବ୍ୟାଙ୍କଗୁଡିକ ଏହି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିପାରିଲେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବ୍ୟାଙ୍କଗୁଡ଼ିକର ମିଶନଶକ୍ତି, ଓଡ଼ିଶା ଜୀବିକା ମିଶନ, ଜିଲା ଶିଳ୍ପ କେନ୍ଦ୍ର ଅଧିକାରୀଙ୍କ ସହ ଜିଲା ପ୍ରଶାସନ କ୍ରମାଗତ ଭାବେ ସମ୍ପର୍କ ରଖି ସ୍ଥିତି ସମୀକ୍ଷା କରିବ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୀତି ରଞ୍ଜନ ସେନ, ଏଲ୍‌ଡିଏମ୍ ବ୍ରଜ କିଶୋର ମହାନ୍ତି, ଡିଆଇସି ମ୍ୟାନେଜରଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀ ଉପସ୍ଥିତ ଥିଲେ।

## ଏଥର ହେବନି ଶ୍ରୀକ୍ଷେତ୍ର ମହୋତ୍ସବ

ପୁରୀ ଅଫିସ,୧୭।୧୨: ପୁରୀରେ ଏଥର ଶ୍ରୀକ୍ଷେତ୍ର ମହୋତ୍ସବ ଆୟୋଜନ ହେବ ନାହିଁ। କରୋନା କଟକଣାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଜାଗା-ଆଖେଡ଼ାଗୁଡିକର ଏଭଳି କାର୍ଯ୍ୟକ୍ରମରେ ସାମାଜିକ ଦୂରତ୍ୱ ରକ୍ଷା କରିବା ସମ୍ଭବ ନୁହେଁ ବୋଲି ଶ୍ରୀକ୍ଷେତ୍ର ମହୋତ୍ସବ କମିଟି କହିଛି। ପ୍ରାଥମିକ ପର୍ଯ୍ୟାୟ ବୈଠକରେ ମହୋତ୍ସବ ହେବା ନେଇ ଆଲୋଚନା ହୋଇଥିଲା। ମାତ୍ର ଜିଲା ପ୍ରଶାସନ ଏଥିପାଇଁ ଅମଙ୍ଗ ହେବାରୁ ବାଧ ହୋଇ ମହୋତ୍ସବକୁ ବନ୍ଦ କରାଯାଇଛି। ସେହିଭଳି କମିଟି ପକ୍ଷରୁ ମହୋତ୍ସବର ବଜେଟ ଆଲୋଚନା ମଧ ହୋଇସାରିଛି। ଗତ ବର୍ଷର ଖର୍ଚ୍ଚ ଆଲୋଚନା ପରେ ଚଳିତ ବର୍ଷ ମହୋତ୍ସବ ଆୟୋଜନ ନେଇ ପ୍ରସ୍ତାବ ଆଗତ ହୋଇଥିଲା। ତେବେ ଏକାଧିକ ସଦସ୍ୟ ମହୋତ୍ସବ ନ କରିବା ସପକ୍ଷରେ ମତ ଦେଇଥିଲେ। ତେଣୁ କାର୍ଯ୍ୟକ୍ରମକୁ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଭାପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ ଏବଂ ଚକ୍ରଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜନ ହେଉଥିବା ଏହି ମହୋତ୍ସବରେ ୬୧ଟି ଜାଗା, ୫ଟି ଆଖେଡ଼ା ଭାଗନେଇ ପୁରୀ ସଂସ୍କୃତି, କଳାର ପରିଚୟ ଦେଇଥାନ୍ତି। ପାରମ୍ପରିକ ସାହିଯାତ ରାମନବମୀଠାରୁ ସାହିଗୁଡ଼ିକରେ ଆରମ୍ଭ ହୋଇଥାଏ। ଡିସେମ୍ବରରେ ଏହାର ପ୍ରତୀକାତ୍ମକ ପ୍ରଦର୍ଶନ ଶ୍ରୀକ୍ଷେତ୍ର ମହୋତ୍ସବରେ ହୋଇଥାଏ।

# ପ୍ରଥମେ ଟୋକନ୍, ପରେ ଜଗା ଦର୍ଶନ

- ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କୁ ସୁଯୋଗ
- ମନ୍ଦିର ପ୍ରବେଶ ପୂର୍ବରୁ ନାମ ପଞ୍ଜୀକରଣ କରାଯିବ

ପୁରୀ ଅଫିସ,୧୭।୧୨: କରୋନା କଟକଣା ଯୋଗୁ ଦୀର୍ଘ ୯ମାସ ହେଲା ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଛି। ତେବେ ପ୍ରଶାସନର ନିଷ୍ପତ୍ତି କ୍ରମେ କୋଭିଡ କଟକଣା ପାଳନ କରାଯାଇ ଅସନ୍ତା ୨୩ ତାରିଖରୁ ଶ୍ରୀମନ୍ଦିର ଖୋଲାଯିବ। ପ୍ରଥମ ପର୍ଯ୍ୟାୟରେ ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସୁଯୋଗ ମିଳିବ। ମାତ୍ର ଏହି ଦର୍ଶନ ସ୍ୱାଭାବିକ ଦର୍ଶନଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ ବୋଲି ଗୁରୁବାର ପୁରୀ ଟ୍ରାଫିକ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୁରୀ ସହରର ସମସ୍ତ ୩୨ଟି ୱାର୍ଡର ଲୋକଙ୍କୁ ପର୍ଯ୍ୟାୟ କ୍ରମେ ଦର୍ଶନ ସୁବିଧା ମିଳିବ। ପୁରୀ ପୌରାଞ୍ଚଳ ପକ୍ଷରୁ ଏନେଇ ଘୋଷଣା କରାଯିବ। ପ୍ରତି ୱାର୍ଡ ଏବଂ ୱାର୍ଡ ଅନ୍ତର୍ଗତ ସାହିଗୁଡିକ ପାଇଁ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା କରାଯିବ। ଯେଉଁ ବ୍ୟକ୍ତି ଯେଉଁ ସାହିର ଅଟନ୍ତି, ସେମାନେ ଉକ୍ତ କାଉଣ୍ଟରରେ ପହଞ୍ଚି ନିଜ ଟୋକନ୍ ଗ୍ରହଣ କରିବେ। ଜଗନ୍ନାଥ ବଲ୍ଲଭରେ ଟୋକନ୍ ବଣ୍ଟନ ହେବ। ପରିବାରର ଯେ କୌଣସି ସଦସ୍ୟ ଜଗନ୍ନାଥ ବଲ୍ଲଭଠାରେ ପହଞ୍ଚି ଧାର୍ଯ୍ୟ ତାରିଖରେ ଟୋକନ୍ ସଂଗ୍ରହ କରିବେ। ଟୋକନ୍ ନେବା ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପରିଚୟପତ୍ର ଦେଖାଇବାକୁ ପଡ଼ିବ। କେହି ବି ବ୍ୟକ୍ତି ନିଜର ସମ୍ପୂର୍ଣ୍ଣ ପରିବାର ପାଇଁ ଟୋକନ୍ ଆଣିପାରିବେ। ନିର୍ଦ୍ଧାରିତ ତାରିଖରେ ଟୋକନ୍ ସଂଗ୍ରହ ନ କଲେ ସମ୍ପୃକ୍ତ ୱାର୍ଡର ଲୋକେ ଜଗନ୍ନାଥ ଦର୍ଶନରୁ ବଞ୍ଚିତ ହେବେ। ସେହିଭଳି ଜଗନ୍ନାଥ ମନ୍ଦିର ପ୍ରବେଶ ପୂର୍ବରୁ ରାଜାନଗର ପାଖ ମୁଖ୍ୟ ବ୍ୟାରିକେଡ୍‌ରେ ଟୋକନ୍ ସମେତ ଆଧାରକାର୍ଡ କିମ୍ବା ଅନ୍ୟ ଯେକୌଣସି ପରିଚୟପତ୍ର ଯାଞ୍ଚ କରାଯାଇ ଛଡ଼ାଯିବ। ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ପୁରୀ ବାସିନ୍ଦାଙ୍କ ନାମ ପଞ୍ଜୀକରଣ ସହ ସାନିଟାଇଜର୍ ସୁବିଧା ମଧ ଉପଲବ୍ଧ ହେବ।

ସାଧାରଣତଃ ପୁରୀ ଲୋକେ ଜଗନ୍ନାଥ ଦର୍ଶନ ପାଇଁ ଧାଡ଼ିକରି ଠିଆ ହେବାରେ ଅଧିକ ସମୟ ନଷ୍ଟ ହେବାରୁ ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। ପୂର୍ବ ଦ୍ୱାରକୁ ବାଦ୍ ଦେଇ ପୁରୀ ସହର ବାସିନ୍ଦା ଯେକୌଣସି ଦ୍ୱାର ଦେଇ ମନ୍ଦିର ପ୍ରବେଶ କରୁଥିଲେ। ମାତ୍ର ଏବେ ଏଭଳି ନୂଆ ପ୍ରକାର ବ୍ୟବସ୍ଥା ଲାଗୁ ହେବା ପରେ ସାଧାରଣରେ ନାନା ମତ ପ୍ରକାଶ ପାଇଛି। ପୁରୀ ସଂଗ୍ରାମ କ୍ଲବ ଲେନ୍ ବାସିନ୍ଦା ଶଶାଙ୍କ ନାୟକ ପ୍ରଶାସନର ଏଭଳି ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ୩ ତାରିଖ ପରେ ସମସ୍ତଙ୍କ ପାଇଁ ମନ୍ଦିର ଖୋଲିବା ଲାଗି ପ୍ରଶାସନ ନିଷ୍ପତ୍ତି ନେଇଛି। ତେଣୁ ଏଭଳି କୌଣସି ପ୍ରାବଧାନର ଆବଶ୍ୟକତା ନାହିଁ। କେବଳ ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ନିୟମରେ କାହିଁକି ଦର୍ଶନ ହେବ। ଯଦି ଏଭଳି ହୁଏ ତେବେ ପୁରୀ ବାସିନ୍ଦା ଜଗନ୍ନାଥ ଦର୍ଶନ ପାଇଁ ୩ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବେ। ଜଗନ୍ନାଥ ବଲ୍ଲଭଠାରୁ ଟୋକନ୍ ନେଇ ସିଂହଦ୍ୱାର ଦେଇ ମନ୍ଦିର ପ୍ରବେଶ କରିବା ଅପେକ୍ଷା ୩ ତାରିଖ ପରେ ଜଗନ୍ନାଥ ଦର୍ଶନ କଲେ କୌଣସି ବିଶେଷ ଅସୁବିଧା ହେବ ନାହିଁ। ଅନ୍ୟପକ୍ଷରେ ବଡଶଙ୍ଖରେ ରହୁଥିବା ଅଭିଷେକ ସାହୁ ପୌରାଞ୍ଚଳର ଏଭଳି ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, କୋଭିଡ୍ ଯୋଗୁ ମନ୍ଦିର ଦୀର୍ଘ ୯ମାସ ବନ୍ଦ ରହିବା ପରେ ଏବେ ଖୋଲୁଛି। ଏଣୁ ଲୋକେ ଜଗନ୍ନାଥ ଦର୍ଶନ ପାଇଁ ଆଗ୍ରହୀ ହେବା ସ୍ୱାଭାବିକ। ଗାଇଡ୍‌ଲାଇନ ମାନି ପୁରୀବାସୀଙ୍କୁ ମନ୍ଦିରକୁ ପ୍ରବେଶ ନ କରାଇଲେ କୋଭିଡ୍ ସଂକ୍ରମଣ ହେବାର ଆଶଙ୍କା ବଢିବ।

## ପୁରୀ ସହରରେ ପୁଣି ବାର୍‌ହା ଆତଙ୍କ

ପୁରୀ ଅଫିସ,୧୭।୧୨:



କିଛିଦିନର ବ୍ୟବଧାନ ପରେ ପୁରୀ ସହରରେ ପୁଣି ବାର୍‌ହା ଆତଙ୍କ ସୃଷ୍ଟି ହୋଇଛି। ବୁଧବାର ରାତିରେ ପାର୍ବତୀପୁର ଅଞ୍ଚଳରେ ଦୁଇଟି ବାର୍‌ହା ଦେଖିବାକୁ ମିଳିଛି। ସିସିଟିଭି କ୍ୟାମେରାରେ ଏହି ଦୃଶ୍ୟ କଏଦ ହୋଇଛି। ଏଥିଯୋଗୁ ଲୋକନାଥ ରୋଡ୍ ଓ ପାର୍ବତୀପୁର ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ବାର୍‌ହା ଦୁଇଟିକୁ କାବୁ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ସ୍ୱର୍ଗଦ୍ୱାର ଅଞ୍ଚଳରେ ବାର୍‌ହା ଆକ୍ରମଣରେ ୬ଜଣ ଆହତ ହୋଇଥିଲେ।

## ମନ୍ତ୍ରୀଙ୍କ ଗୋପ ବ୍ଲକ ପରିଦର୍ଶନ



ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରୁଛନ୍ତି ।

**ଉପସ୍ଥାନ ଖାତା ଦେଖିଲେ**

ଗୋପ,୧୭।୧୨(ଡି.ଏନ୍.ଏ.): କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ପୂର୍ବାହ୍ନ ୧୧ଟା ୧୫ରେ ହଠାତ୍ ଗୋପ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନରେ ପହଞ୍ଚିଥିଲେ। ଉକ୍ତ ସମୟରେ ବରିଷ୍ଠ କର୍ମଚାରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ବେହେରା ବ୍ଲକର ଉପସ୍ଥାନ ଖାତା ଦେଖିବା ସହ ୧୫ ମିନିଟ୍ ରହିଥିଲେ। ପରେ କେତେଜଣ କର୍ମଚାରୀ ଆସି ପହଞ୍ଚିଥିଲେ। ମନ୍ତ୍ରୀ ବ୍ଲକର କେତେକ ବିଭାଗ ବୁଲି ଦେଖିବା ସହ ଖୁବଶୀଘ୍ର ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଅଳିଆ ଗଦା ହୋଇଥିବାରୁ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗତ ୧୪ତାରିଖରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ବେହେରା ଉକ୍ତ ବ୍ଲକରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ କର୍ମଚାରୀଙ୍କୁ ଠିକ୍ ସମୟରେ ବ୍ଲକକୁ ଆସିବା ସହ ଲୋକଙ୍କ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସମିତିସଭ୍ୟାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

ଗୋପ,୧୭।୧୨(ଡି.ଏନ୍.ଏ.): ଗୋପ ଥାନା ଅଧୀନ ଉରୁଆଳି ମଲ୍ଲିକସାହି ଗାଁ ଦାଣ୍ଡରେ କୁଆପଡ଼ା ପଞ୍ଚାୟତ ସମିତିସଭ୍ୟା ମମତା ମଲ୍ଲିକଙ୍କୁ ୩ଜଣ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ମମତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୩୪୭/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୂର୍ବ ବିବାଦକୁ ନେଇ ବୁଧବାର ମମତାଙ୍କ ପରିବାର ସଦସ୍ୟ ଘରେ ନ ଥିବା ବେଳେ ତାଙ୍କୁ ପଡ଼ିଶାଘରର ୫ଜଣ ସଦସ୍ୟ ବାହାରକୁ ଆସିବାକୁ କହିଥିଲେ। ମମତା କ'ଣ ଲାଗି ଡାକିଲ ବୋଲି ପଚାରିବାରୁ ହଠାତ୍ ୩ଜଣ ତାଙ୍କୁ ଗାଁ ଦାଣ୍ଡରେ ମାଡ଼ ମାରିବା ସହ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ଏଥିସହ ବୋମା ପକାଇ ତାଙ୍କ ପରିବାର ସଦସ୍ୟଙ୍କୁ ମାରିଦେବାକୁ ଧମକ ଦେଇଥିଲେ। କେତେଜଣ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ମମତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ରୂପଦେଇପୁର ଟିମ୍ ଚାମ୍ପିୟନ

ସାକ୍ଷୀଗୋପାଳ,୧୭।୧୨(ଡି.ଏନ୍.ଏ.): ଭୀମପୁର ଗ୍ରାମରେ ଚାଲିଥିବା ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଗଡ଼ଚଣ୍ଡୀ କ୍ରିକେଟ ଟିମକୁ ୧୨ ରନରେ ହରାଇ ରୂପଦେଇପୁର ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ୟବସାୟୀ ଦୁର୍ଗାପ୍ରସନ୍ନ ରଥ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ରନର୍ସଅପ ଟିମ୍‌କୁ ପୁରସ୍କାର ଦେଇଥିଲେ ।

# ୨୦ରେ ମହାପ୍ରଭୁ ପିନ୍ଧିବେ ଘୋଡ଼

ପୁରୀ ଅଫିସ, ୧୭।୧୨: ଶୀତ ଜୋର୍ ଧରିବା ଆରମ୍ଭ କଲାଣି। ତେଣୁ ମହାପ୍ରଭୁଙ୍କୁ ଶୀତ ପ୍ରକୋପରୁ ସୁରକ୍ଷିତ ରଖିବା ପାଇଁ ଘୋଡ଼ ଲାଗି କରାଯିବ। ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ଏହି ଘୋଡ଼ (ଶୀତବସ୍ତ୍ର) ତିଆରି କରିସାରି ଗୁରୁବାର ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ଆସନ୍ତା ୨୦ ତାରିଖରେ ଓଢ଼ଣ ଷଷ୍ଠୀ। ଏହି ନୂତନ ଘୋଡ଼ ମହାପ୍ରଭୁଙ୍କ ସେବାରେ ଲାଗିବ। ଏହାକୁ ତିଆରି କରିବା ପାଇଁ ୧୬ ହାତିଆ ୪ ପଟିଆ କନା ୪ଟି, ୧୧ ହାତିଆ ୪ ପଟିଆ ୨ଟି, ୭୨ ହାତିଆ ଗୋଟିଏ, ୩୬ ହାତିଆ ୨ଟି, ଧୋଡ଼ ପାହାଡ଼ିଆ ୩ଟା, ଖଟ ପାଛୁଡ଼ି ୩ଟି, ଫୁଲଛେଦା ୨ଟି ଆବଶ୍ୟକ ହୋଇଥିଲା। କେବଳ ଚତୁର୍ଦ୍ଧାମୂର୍ତ୍ତି ନୁହେଁ, ଅନେକ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ ଘୋଡ଼ ପ୍ରସ୍ତୁତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ସେବାରେ ଲାଗୁଥିବା ଘୋଡ଼ ଗୀତଗୋବିନ୍ଦ ପାଟ ଏବଂ କୁସୁମି (ଅଳତା ରଙ୍ଗର କପଡ଼ା)ରେ ସୁଭଦ୍ରା ଓ ସୁଦର୍ଶନଙ୍କ ବସ୍ତ୍ର ପ୍ରସ୍ତୁତ କରାଯାଇଛି। ସେହିଭଳି ସୂର୍ଯ୍ୟ, ଗରୁଡ଼, ମନ୍ଦିର ଭିତର ନୃସିଂହ, ଗୁଣ୍ଡିଚା ମନ୍ଦିର ପାଖ ନୃସିଂହ ଏବଂ କାକୁଡ଼ିଖାଇଙ୍କ ଲାଗି ତିଆରି ହୋଇଥିବା ଘୋଡ଼ରେ ପତନୀ କନା, ସୂତାପଟକୁ ବ୍ୟବହାର କରାଯାଇଛି।



ମହାପ୍ରଭୁଙ୍କ ଘୋଡ଼ ଲାଗି ପାଇଁ ପ୍ରସ୍ତୁତି ଚାଲିଛି।

**ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କଲେ ଦରଜି ସର୍ଦ୍ଦାର**

ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହୋଇଥିବା ଘୋଡ଼କୁ ଦେଉଳକରଣମାନେ ଦେଖିବେ। ଏହାର ଲମ୍ବ ଓ ଚଉଡ଼ା ମାପ କରିବା ସହ କାରୁକାର୍ଯ୍ୟ ଉପରେ ଧ୍ୟାନ ଦେବେ। ଏହା ଦାରୁଦିଅଁଙ୍କ ସେବାରେ ଲାଗିପାରିବା ନେଇ ନିଶ୍ଚିତ ହେବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ଦିଆଯିବ। ଏହାପରେ ତାହାକୁ ମହାପ୍ରଭୁଙ୍କ ସେବାରେ ଲାଗି ପାଇଁ ସ୍ୱୀକୃତି ମିଳିବ। ଉଲ୍ଲେଖଯୋଗ୍ୟ, ଏଥର ନିର୍ଦ୍ଧାରିତ ସମୟ ପୂର୍ବରୁ ଘୋଡ଼ ପ୍ରସ୍ତୁତି ସରିଛି।

## ୫ ଜିଲା ବିଜେଡି ନୂତନ କର୍ମକର୍ତ୍ତା ମନୋନୀତ

ପିପିଲି/ଡେଲାଙ୍ଗ, ୧୭।୧୨(ଡି.ଏନ୍.ଏ./ସ୍ୱ.ପ୍ର.): ପୁରୀ ଜିଲା ବିଜୁ ଜନତା ଦଳର କର୍ମକର୍ତ୍ତା ବୁଧବାର ଚୟନ କରାଯାଇଛି। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରୁ ନୂଆ ୫ଜଣଙ୍କ ନାମ ଏଥିରେ ରହିଛି। ସେମାନେ ହେଲେ ଧରଣୀଧର ସାହୁ, ସତ୍ୟଜିତ୍ ରାୟଚୌଧୁରୀ ଓ ପ୍ରସନ୍ନ ସାହୁ ଜିଲା ବିଜେଡି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ପିପିଲି ଏନ୍‌ଏସି ସଭାପତି ଭାବେ ଶରତ ବେହେରା, ଦେବାଶିଷ ନନ୍ଦ ଜିଲା ବିଜେଡି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେହିପରି ଡେଲାଙ୍ଗ ଷ୍ଟେଶନ ବଜାରଠାରେ ମଧ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପଟେ ପୁରୀ ଜିଲା ବିଜେଡି ସାଧାରଣ ସମ୍ପାଦକଭାବେ କିଶୋର ଛୋଟରାୟ, ପିପିଲି ବ୍ଲକ ବିଜେଡି ସଭାପତିଭାବେ ପ୍ରଫୁଲ୍ଲ ସ୍ୱାଇଁ ଓ ଡେଲାଙ୍ଗ ବ୍ଲକ ବିଜେଡି ସଭାପତିଭାବେ ବୈରାଗୀ ଜେନାଙ୍କୁ ରାଜ୍ୟ ବିଜେଡି ସଭାପତି ପୁନଃ ନିଯୁକ୍ତି ଦେଇଥିବା ଜଣାପଡିଛି।

## ଶ୍ରୀଜଗନ୍ନାଥ ଐତିହ୍ୟ ଶତକର ବଙ୍ଗଳା ଅନୁବାଦ ଉନ୍ମୋଚିତ



ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଏବଂ ଅନ୍ୟ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ପୁରୀ ଅଫିସ,୧୭।୧୨: ଶ୍ରୀ ହରିହରାନନ୍ଦ ଗୁରୁକୁଳଠାରେ ଗୁରୁବାର ସ୍ୱାମୀ ପ୍ରଜ୍ଞାନନ୍ଦ ମହାରାଜାଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଐତିହ୍ୟ ଶତକ ପୁସ୍ତକର ବଙ୍ଗଳା ଅନୁବାଦ ଉନ୍ମୋଚିତ ହୋଇଛି। ମୂଳ ପୁସ୍ତକକୁ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଲେଖିଥିଲେ। ଏବେ ଏହାକୁ ଶ୍ରେୟ ହାଲ୍‌ଦାର ବଙ୍ଗଳା ଭାଷାରେ ଅନୁବାଦ କରିଛନ୍ତି। କୋଲକାତାର ପ୍ରଭା ପ୍ରକାଶନୀ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ନେଇଛି। ଏହି ପୁସ୍ତକ ଉନ୍ମୋଚନ ଅବସରରେ ଅବସରପ୍ରାପ୍ତ ପ୍ରଫେସର ଡ. ସୁଜାତା ମିଶ୍ର, କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ସବିତା ରଥ ଏବଂ ପ୍ରଶାସନିକ ଅଧିକାରୀ ଏନ୍.ଭି.ଏସ୍. ସୂର୍ଯ୍ୟନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷାକୁ ଗୁରୁତ୍ୱ

ପୁରୀ ଅଫିସ,୧୭।୧୨: ପୁରୀ ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଗୁରୁବାର ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ସଂକ୍ରାନ୍ତ ନେଇ ଏଥିରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାଜଜ୍ ରାଜକିଶୋର ଲେଙ୍କା ଏହାକୁ ଉଦ୍‌ଘାଟନ କରି କହିଥିଲେ, ସୋସିଆଲ ମିଡିଆ ବ୍ୟବହାରକାରୀ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ପାସ୍‌ୱାର୍ଡକୁ ଯଥାସମ୍ଭବ କଷ୍ଟସାଧ୍ୟ ରଖିବା ସହ ବ୍ୟକ୍ତିଗତ ତଥ୍ୟ ଅନାବଶ୍ୟକ ଭାବେ ସାମାଜିକ ଗଣମାଧ୍ୟମରେ ଶେୟାର କରିବା ଉଚିତ୍ ନୁହେଁ। ସେହିଭଳି ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କହିଥିଲେ, ସାମାଜିକ ଗଣମାଧ୍ୟମକୁ ଅଣଦେଖା କରିବା ଆଜିର ସମୟରେ ସମ୍ଭବ ନୁହେଁ। ମାତ୍ର ଏହାର ବ୍ୟବହାର ନେଇ ଆମକୁ ତାଲିମର ଆବଶ୍ୟକତା ରହିଛି। କେଉଁ ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ ଓ କେଉଁଟି ନୁହେଁ ତାହା ଜାଣିବା ନିହାତି ଦରକାର। ଆପ୍ଲିକେଶନ୍ ବ୍ୟବହାର କରିସାରିବା ପରେ ଲଗ୍ ଆଉଟ୍ କରିବା ସମେତ ମୋବାଇଲରେ ଆଣ୍ଟି ଭାଇରସ ଲୋଡ୍ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

# ନୌ ପର୍ଯ୍ୟଟନ ପାଇଁ ନୂଆ ସୁଯୋଗ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ) କେରଳ ଭଳି ଓଡ଼ିଶାକୁ ଦେଶର ପ୍ରମୁଖ ନୌ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ। ଜଳକ୍ରୀଡ଼ା ସହ ଆମୋଦପୂର୍ଣ୍ଣ ଜଳ ପର୍ଯ୍ୟଟନର ବିକାଶ ହେବ। ଏସିଆର ସର୍ବବୃହତ୍ ଲୁଣି ହ୍ରଦ ଚିଲିକା, ୪୮୨ କିମି ସୁଦୀର୍ଘ ଉପକୂଳ, ୮ ବୃହତ୍ ଜଳଭଣ୍ଡାର ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଳାଶୟଗୁଡ଼ିକରେ ଜଳକ୍ରୀଡ଼ା, ଆମୋଦପୂର୍ଣ୍ଣ କ୍ରୀଡ଼ା ସହ ହାଉସ୍-ବୋଟ୍ ଭଳି ନୌ ପର୍ଯ୍ୟଟନ ପାଇଁ ରହିଛି ଅନେକ ସୁଯୋଗ। ଫ୍ଲୋଟିଂ ରେଷ୍ଟୁରାଣ୍ଟ, ଜେଟ୍ ସ୍କି, ସ୍ପିଡ୍ ବୋଟ୍, ବାନାନା ବୋଟ୍ ଓ ୱାଟର ଜେଟି ଭଳି ଆକର୍ଷଣୀୟ ବ୍ୟବସ୍ଥା କରି ରାଜ୍ୟରେ ନୌ ପର୍ଯ୍ୟଟନର ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର।

ରାଜ୍ୟ ପର୍ଯ୍ୟଟନ ବିଭାଗ ଜାତୀୟ ଜଳପଥ ଅଞ୍ଚଳର କେତେକ ଉପଯୁକ୍ତ ସ୍ଥାନରେ ନଦୀ ଜଳଯାତ୍ରା କରିବା ପାଇଁ ପଦକ୍ଷେପ ନେଇଥିବାବେଳେ ଭାରତ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ବା ଇନ୍‌ଲାଣ୍ଡ୍ ୱାଟରୱେଜ୍ ଅଥରିଟି ଅଫ୍ ଇଣ୍ଡିଆ(ଆଇଡବ୍ଲ୍ୟୁଏଆଇ) ଏବଂ ଓଡ଼ିଶା ଆଭ୍ୟନ୍ତରୀଣ ଜଳ ପରିବହନ ବିଭାଗ ଏ ଦିଗରେ ଅନୁଧ୍ୟାନ କରୁଛି। ଓଡ଼ିଶାରେ ନୌ ପର୍ଯ୍ୟଟନର ବିକାଶ ନିମନ୍ତେ ଆଇଡବ୍ଲ୍ୟୁଏଆଇ ସହାୟତାରେ ବିଭିନ୍ନ ସ୍ଥାନରେ ନୌକା ବିହାରର ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ଏକାଧିକ ପ୍ରସ୍ତାବ ଏବେ ବିଚାରାଧୀନ ରହିଛି। ଆଇଡବ୍ଲ୍ୟୁଏଆଇକୁ ଏଥିପାଇଁ ଉପଯୁକ୍ତ ଜଳମାର୍ଗ ନିର୍ଦ୍ଧାରଣ କରିବା ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏତଦ୍‌ବ୍ୟତୀତ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୧୯ରେ ବେସରକାରୀ ଅର୍ଥ ବିନିଯୋଗକାରୀଙ୍କୁ ଜଳକ୍ରୀଡ଼ା ପରିଚାଳନା ନିମନ୍ତେ ରିହାତି ପ୍ରଦାନ କରାଯାଉଛି। ବର୍ତ୍ତମାନ ଗୋପାଳପୁର, ତାମ୍ପରା ଏବଂ ଚିଲିକାର ବରକୁଳଠାରେ ପିପିପି ମୋଡ୍‌ରେ ଜଳକ୍ରୀଡା ପରିଚାଳନା କରାଯାଉଛି। ଯୁବ ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଚିଲିକା, ମହାନଦୀ, ଭିତରକନିକା, ସାତକୋଶିଆ ଗଣ୍ଡ ଓ ହୀରାକୁଦଠାରେ ଡେ' କ୍ରୁଜ୍‌ର ବ୍ୟବସ୍ଥା କରାଯାଉଛି। କଟକ ନିକଟ ମହାନଦୀରେ ଜଳକ୍ରୀଡା ଭିତ୍ତିଭୂମି ବିକାଶ କରାଯାଉଛି। ଅନ୍ୟପକ୍ଷରେ ସ୍ୱଦେଶ ଦର୍ଶନ ଯୋଜନାରେ ଗୋପାଳପୁର, ତାମ୍ପରା, ବରକୁଳ ଓ ସାତପଡ଼ାଠାରେ ନୌ ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୋପାଳପୁରରେ ଜେଟ୍ ସ୍କି, ସ୍ପିଡ୍ ବୋଟ୍, ବାନାନା ବୋଟ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ତାମ୍ପରାଠାରେ ବୃହତ୍ ଜେଟି, ବାନାନା ବୋଟ୍, ଜେଟ୍ ସ୍କି ଓ ସ୍ପିଡ୍ ବୋଟ୍ ରହିଛି। ସେହିଭଳି ଚିଲିକା ବରକୁଳଠାରେ ଭାସମାନ ଜେଟି, ବାନାନା ବୋଟ୍, ଫ୍ଲୋଟିଂ ବା ଭାସମାନ ରେଷ୍ଟୁରାଣ୍ଟ, ୪୦ ସିଟ୍‌ବିଶିଷ୍ଟ କ୍ରୁଜ୍ ବୋଟ୍‌ର ସୁବିଧା ଥିବାବେଳେ ସାତପଡ଼ାଠାରେ ଜେଟି ସହ ୪୦ ସିଟ୍‌ବିଶିଷ୍ଟ ଏକ କ୍ରୁଜ୍ ବୋଟ୍ ରହିଛି। ଚିଲିକାର ରମ୍ଭା ଏବଂ ବରକୁଳରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫ୍ଲୋଟିଂ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରିବାକୁ ଯୋଜନା ରହିଛି। ଏଥିପାଇଁ ବିଭାଗ ପକ୍ଷରୁ ୬କୋଟି ୧୦ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। ପର୍ଯ୍ୟଟକମାନେ ଚିଲିକା ମଧ୍ୟରେ ବୁଲିବା ସମୟରେ ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ଜଳକ୍ରୀଡ଼ା ବ୍ୟତୀତ ଚିଲିକା, ଭିତରକନିକା ଓ ହୀରାକୁଦ ଜଳଭଣ୍ଡାରରେ ହାଉସ୍‌ବୋଟ ପ୍ରଚଳନ କରିବା ପାଇଁ ମଧ ଯୋଜନା ରହିଛି। ସେହିଭଳି ଚଳିତବର୍ଷ ପ୍ରଥମଥର ପାଇଁ କୋଣାର୍କ ଇକୋ-ରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ଲାଗି ସର୍ଫିଙ୍ଗ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହା ଆଗାମୀ ଦିନରେ ଓଡ଼ିଶାର ୱାଟର ସ୍ପୋର୍ଟ୍ସ ଟୁରିଜମରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି।

ଏହାବାଦ୍ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପରିଚାଳିତ ଇକୋ ଟୁରିଜମ୍ ସେଣ୍ଟରଗୁଡ଼ିକରେ ମଧ ନୌ ପର୍ଯ୍ୟଟନର ବ୍ୟବସ୍ଥା କରାଯାଇଛି। ଦେବ୍ରିଗଡ଼, ସାତକୋଶିଆ, ଡେରାସ, ଭିତରକନିକା, ରିଷିଆ ଓ ବିଚିତ୍ରପୁର ଏବଂ ପୁରୀ ନୂଆନଇ ନେଚର କ୍ୟାମ୍ପରେ ପିସିସିଏଫ୍ (ବନ୍ୟଜନ୍ତୁ)ଙ୍କ ମାଧ୍ୟମରେ ନୌ ପର୍ଯ୍ୟଟନର ବିକାଶ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ମୋଟ ୪୮୪.୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।





ରିପୋର୍ଟ- **ସସ୍ମିତା ପାଇକରାୟ**